# ଅଧାରେ ଅଟକିଛି କଦଳୀଘାଟି-କିଡିଂ ରାସ୍ତା

## ବର୍ଷେ ହେଲା ସରିପାରୁନି ନିର୍ମାଣ କାମ

## ଜନଅସନ୍ତୋଷର କାରଣ ସାଜିଛି ରାସ୍ତା ସମସ୍ୟା

**ଭବାନୀପାଟଣା, ୧୭ ।୨(ସମିସ):**



କଳାହାଣ୍ଡି-ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର ଛତିକୁଡ଼ା କଦଳୀଘାଟି ଛକରୁ କିଡିଂ ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଘଟିଲାଣି। ଏଥିଯୋଗୁଁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଏହି ରାସ୍ତା କଳାହାଣ୍ଡି ଜିଲ୍ଲାର ଲାଇଫ୍‌ଲାଇନ। ଏହା କଳାହାଣ୍ଡି-ରାୟଗଡ଼ା ଜିଲ୍ଲାକୁ ସଂଯୋଗ କରୁଛି; ହେଲେ ବର୍ଷେ ହେଲା କାମ ସରିପାରୁନି। ରାସ୍ତାରେ ମେଟାଲ ଓ କ୍ରସର ଗୁଣ୍ଡ ପକାଇ ୬ ମାସରୁ ଅଧିକ ସମୟ ହେଲା ଠିକାଦାର ସେମିତି ଛାଡ଼ି ଦେଇଛନ୍ତି। ରାସ୍ତା ତିଆରି ହେବା ତ ଦୂରର କଥା ପାଣି ବି ଆଦୌ ଦିଆଯାଉନି। ଏତେ ଧୂଳି ଉଡୁଛି ଯେ ଏଇ ରାସ୍ତା ଦେଇ ବାଇକ ଆରୋହୀ, ସାଧାରଣ ଲୋକେ ଯାତାୟତ କରିବା ଦୁର୍ବିସହ ହୋଇପଡ଼ିଛି। ଠିକାଦାରଙ୍କୁ ଅଭିଯୋଗ କଲେ ବିଲ୍ ମିଳିନି ବୋଲି କହୁଛନ୍ତି। ସେହିପରି ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ କେନ୍ଦ୍ରୀୟସ୍ତରରୁ ଅନୁଦାନ ରୋକି ଦିଆଯାଇଛି ବୋଲି କହୁଛନ୍ତି। ଏହାକୁ ନେଇ ସାମ୍ବାଦିକ ସୁଶୀଲ ବାଗ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖି ଏହି ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲ୍ଲାର ସବୁଠୁ ବ୍ୟସ୍ତ ବହୁଳ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସେ ଅନୁରୋଧ କରିଛନ୍ତି। ଚାରିଥକିଆ ରାସ୍ତା ନିର୍ମାଣ କରିବା ସହ ଆବଶ୍ୟକସ୍ଥଳେ ପୋଖରୀବନ୍ଧ ଛକରେ ଟୋଲ୍‌ଗେଟ୍ ସ୍ଥାପନ କରିବାକୁ ସେ ଦାବି କରିଛନ୍ତି। ଭବାନୀପାଟଣା- ରାୟଗଡ଼ା ରାସ୍ତାକୁ ଜାତୀୟ ରାଜପଥ ଘୋଷଣା କରାଯାଉ। ତେବେଯାଇ ଏହି ରାସ୍ତା ଝାଡ଼ଖଣ୍ଡ, ଛତିଶଗଡ଼, ଓଡ଼ିଶା, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ସିଧାସଳଖ ଯୋଗସୂତ୍ର ସ୍ଥାପନ ହୋଇପାରିବ ବୋଲି ସେ ଦର୍ଶାଇଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ସହ ଅନୁଦାନ ଯୋଗାଇ ଦେବାକୁ ଲେଖିଛନ୍ତି। ଏହା ସହ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଲୋକସଭା ସାଂସଦ ମାଳବିକା ଦେବୀଙ୍କୁ ମଧ୍ୟ ଶ୍ରୀ ବାଗ ଏହାର ନକଲ ପଠାଇଛନ୍ତି।

ସୂଚନାଯୋଗ୍ୟ, ଏହି ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ଜନ ଅସନ୍ତୋଷ ବଢୁଛି। ଏଣୁ ଏକ ବିରାଟ ଜନ ଆନ୍ଦୋଳନ ଦାନା ବାନ୍ଧୁଛି। ଏହି ରାସ୍ତା ନିର୍ମାଣକୁ ତ୍ୱରାନ୍ୱିତ କରା ନ ଗଲେ ପରିସ୍ଥିତି ଅଣାୟତ୍ତ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ଡୋଟୋ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ନୂଆପଡ଼ା, ୧୭।୨(ସମିସ): ଡେଟୋ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ପ୍ରଧାନଶିକ୍ଷକ ଈଶ୍ୱର ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶୋରା ସରପଞ୍ଚ ଲିଲେଶ୍ୱରି ଦଣ୍ଡସେନା ଏବଂ ସମ୍ମାନିତ ଅତିଥି ଭାବେ ସମାଜସେବୀ କମଳ ଧରୁଆ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅହଲ୍ୟା ଯାଦବ, କୁଲିଆବନ୍ଧା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର ବେହେରା, ଚିଙ୍ଗରାସରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ବାଗ, ଭନତ ରାମ ପଟେଲ, ଚମରୁ ତାଣ୍ଡି, ଦୁଃଖୀଶ୍ୟାମ ନାୟକ, ପ୍ରମିଳା ମାଝୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କିଶୋର ପରିଡ଼ା ନିୟମିତ ରକ୍ତଦାତା ତଥା ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ ଯୋଗଦେଇଥିଲେ। ବାଳକବାଳିକାଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଥମ ସମାପ୍ତି ସୂଚକ ଆକଳନରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଜଗଦୀଶ ସାହୁ ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବର ସଫଳ ଆୟୋଜନରେ ଶିକ୍ଷକ ଅଶୋକ ରାଉତ, ଦେଓ ନାରାୟଣ ସତନାମୀ, ଜୟଶ୍ରୀ ଡାକୁଆ ଏବଂ ବିଦ୍ୟାଳୟର ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଶିକ୍ଷକ ଅଶୋକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**କୋମନା, ୧୭।୨(ସମିସ):** କୋମନା ବ୍ଲକ ସଭାଗୃହରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୦୨ଟି ଅଭିଯୋଗର ଶୁଣାଣି କରି ସମାଧାନ ପାଇଁ ପଦକ୍ଷେପ ନିଆଯାଇଥିଲା। ଏଥିରୁ ୮୧ଟି ବ୍ୟକ୍ତିଗତ ୧୯ଟି ଗୋଷ୍ଠୀଗତ ଓ ୨ଟି ରେଡକ୍ରସ ସାହାଯ୍ୟ ସମ୍ବନ୍ଧୀୟ ଥିଲା। ସବୁ ଅଭିଯୋଗ ଉପରେ ଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବୁଦ୍ଧିକୋମନାର ଅସହାୟ ବିଧବା ସାହାନୀ ବାଗଙ୍କୁ ୧୦ହଜାର ଟଙ୍କା ଏବଂ କୋମନାର ଭିନ୍ନକ୍ଷମ ବେଦବ୍ୟାସ ବର୍ଗେଙ୍କୁ ୫ ହଜାର ଟଙ୍କାର ଆଶୁ ସହାୟତା ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ଯୋଗାଇ ଦିଆଯାଇଥିଲା। ଶିବିରରେ ଜିଲ୍ଲାପାଳଙ୍କ ସହ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରଣଜିତ ନାୟକ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଧରଣୀଧର ସେନାପତି, ବ୍ଲକ ଅଧକ୍ଷା ଅନୁସୁୟା କୁମ୍ଭାର, ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ମୂରଲୀଧର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। କୋମନା ବିଡିଓ ହେମନ୍ତ ପୁଟା, ତହସିଲଦାର ପ୍ରୟାଶୀ ପ୍ରଧାନ, ଡେପୁଟି କଲେକ୍ଟର ଶେଖ ନସିମ, ଏବିଡିଓ ଭକ୍ତବନ୍ଧୁ ବୁଡେକ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଯନ୍ତ୍ରୀ, ଲାଇନ ବିଭାଗ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ହୋଇଥିଲା। ଯେଉଁଠାରେ ବିଶେଷଜ୍ଞ ଡ. ରମେଶ ଚନ୍ଦ୍ର ପାଠକ, ଡ. ଧନଞ୍ଜୟ ଭୋଇ, ଡ. ସୌମ୍ୟପ୍ରସାଦ ମିଶ୍ର ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଚିକିତ୍ସା ସୁବିଧା ଯୋଗାଇ ଦେଇଥିଲେ। ସ୍ଥାନୀୟ ଚିକିତ୍ସାଳୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଟାଟା ପାୱାର କମ୍ପାନୀର ୬ ଜଣ କର୍ମଚାରୀ ରକ୍ତଦାନ କରିଥିଲେ। ସେମାନଙ୍କୁ ବ୍ଲକ ଅଭିଯୋଗ ଶୁଣାଣି ଶିବିରରେ ମାନପତ୍ର ଦେଇ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ।

# 'ପ୍ରେରଣା' ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ନୂଆପଡ଼ା, ୧୭।୨(ସମିସ):** ନୂଆପଡ଼ା ଜିଲ୍ଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନବନିଯୁକ୍ତ ଯୋଜନା ଭିତ୍ତିକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପଞ୍ଚ ଦିବସୀୟ ପ୍ରେରଣା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଅଧିକାରୀ କରୁଣାକର ଭୁଏଁଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ଓ ଜିଲ୍ଲା ଶୈକ୍ଷିକ ସଂଯୋଜକ ହେମନ୍ତ ଭୋଇଙ୍କ ଅଭିପ୍ରେରଣାରେ ଜିଲ୍ଲାର ପାଞ୍ଚଟି ବ୍ଲକରେ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତିନୋଟି ପର୍ଯ୍ୟାୟରେ ପ୍ରେରଣା ପ୍ରଶିକ୍ଷଣ ଦିଆଯାଇଛି। କାର୍ଯ୍ୟକ୍ରମରେ ସମ୍ବଳ ଶିକ୍ଷକ ଭାବରେ କିଶୋର ଚନ୍ଦ୍ର ପ୍ରଧାନ, ହିମାଞ୍ଚଳ ପ୍ରଧାନ, ଗୁଣସାଗର ଭୋଇ ଓ ପ୍ରୀତିପୁଷ୍ପ ମହାନ୍ତି ଶିକ୍ଷଣ କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ସରଞ୍ଜନା, ଶ୍ରେଣୀ ପରିଚାଳନା, ଶିକ୍ଷା କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା, ପିଲାଙ୍କୁ ବୁଝିବା, କ୍ରିୟାତ୍ମକ ଗବେଷଣା, ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଆଦି ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରତ୍ୟେକ ପର୍ଯ୍ୟାୟର ଉଦଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ପ୍ରମାଣପତ୍ର ଓ ପେନ୍‌ଡ୍ରାଇଭ ପ୍ରଦାନ କରିଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କ ଉପରେ ଜାତୀୟ ଶିକ୍ଷା ନୀତି ୨୦୨୦, ନିପୁଣ ଓଡ଼ିଶା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆଦିର କାର୍ଯ୍ୟକାରିତାର ଦାୟିତ୍ୱ ରହିଥିବାରୁ ଅଧିକ ସମର୍ପିତ, ଉତ୍ସର୍ଗୀକୃତ ଓ ସ୍ୱତଃସ୍ଫୂର୍ତ୍ତ ଭିତରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଅଧିକାରୀ ଓ ସାଧନକର୍ମୀ ଗଣ ଅଭିପ୍ରେରିତ କରିଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟ ସହାୟକ ସଞ୍ଜୀବ ବଗର୍ତ୍ତି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଧୁସୂଦନ ସାହୁ ଶିବିରରେ ସହଯୋଗ କରିଥିଲେ।



# ପ୍ରଶାସନର ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ନୂଆପଡ଼ା, ୧୭।୨(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକରେ ଉନ୍ନୟନ କାମରେ ଅନିୟମିତତା ଅଭିଯୋଗ ଆଣି ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିବା ବେଳେ ଶେଷରେ ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ପୂର୍ବରୁ ଉନ୍ନୟନ କାମରେ ଅନିୟମିତତା ନେଇ ରାଜ୍ୟ ସରକାରଙ୍କ ବିଭାଗୀୟ ୩ଜଣ କନିଷ୍ଠ ଯନ୍ତ୍ରୀ ନିଲମ୍ବିତ ହୋଇଥିଲେ। ହେଲେ ଏଥିରେ ବ୍ଲକର ବିଡିଓ ଏବଂ ଜନପ୍ରତିନିଧି ମଧ୍ୟ ସମ୍ପୃକ୍ତ ଥିବା ନେଇ ଯୁବ କଂଗ୍ରେସ ତରଫରୁ ଦାବି କରାଯାଇଥିଲା। ଏହିଭଳି କୁରେଶ୍ୱର ପଞ୍ଚାୟତରେ ମଧ୍ୟ ଉନ୍ନୟନ କାମରେ ଅନିୟମିତତା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ସମ୍ପୃକ୍ତ ପିଇଓଙ୍କୁ ନିଲମ୍ବନ କରିଥିଲେ। କିନ୍ତୁ ଏଥିରେ ସମ୍ପୃକ୍ତ ସରପଞ୍ଚ ଏବଂ ବ୍ଲକର ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଦାବି କରାଯାଇଥିଲା। ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝି ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ ଅନିୟମିତତାର ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଉଚ୍ଚସ୍ତରୀୟ ତଦନ୍ତକରି ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅମିତ ଅହିର, ଜିଲ୍ଲା ପରିଷଦ ସଭ୍ୟ ଭରତଲାଲ ରାଉତ, ଯୁବ କଂଗ୍ରେସ ରାଜ୍ୟ ସମ୍ପାଦକ ପାଶା ମହାନନ୍ଦ ଓ ଶାହାରୁଖ ଖାନ ପ୍ରମୁଖ ଦାବି କରିଛନ୍ତି।

# ଅଣଗେଜେଟେଡ୍ ବନସେବା ସଂଘର ନୂତନ କର୍ମକର୍ତ୍ତା

ଖଡ଼ିଆଳ, ୧୭।୨(ସମିସ): ଖଡ଼ିଆଳ କଲ୍ୟାଣ ମଣ୍ଡପ-୨ରେ ଅଣ ଗେଜେଟେଡ୍ ବନସେବା ସଂଘ ନୂଆପଡ଼ା ଜୋନର ସାଧାରଣ ବୈଠକ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ଡିଏଫଓ ଅଜିଜ ଖାନ ଏବଂ ସମ୍ମାନିତ ଅତିଥି ଏସିଏଫ ମହମ୍ମଦ ମୁସ୍ତଫା ସାଲେହା, ରାଜ୍ୟ ଅଣଗେଜେଟେଡ୍ ବନସେବା ସଂଘ ଉପସଭାପତି ଭବାନୀ ଶଙ୍କର ପରିଛା, ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା ଏବଂ ତାର ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଅବସରରେ ନୂଆପଡ଼ା ଜୋନର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଏଥିରେ ରମାରଞ୍ଜନ ରାଉତଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ଉପସଭାପତି ଭାବରେ ଦୀପାଞ୍ଜଳି ସାହୁ, ସାଧାରଣ ସମ୍ପାଦକ ସୁଦାମ ବାଗ ଓ ସହସମ୍ପାଦକ ଖିଲେଶ୍ୱରୀ ମାଝି, ଯୁଗ୍ମ ସମ୍ପାଦକ ରାଜେଶ ହରିଜନ ଓ କୋଷାଧ୍ୟକ୍ଷ ଭାବରେ ରାକେଶ ଦଣ୍ଡସେନାଙ୍କୁ ମନୋନୀତ କରାଯାଇଥିଲା। ପୂର୍ବତନ ସଭାପତି ଚିନ୍ମୟୀ ପାତ୍ର ସଭା ପରିଚାଳନା କରିଥିଲେ।

# ବାହାଦୁରପଦର ହାଇସ୍କୁଲରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ



କେସିଙ୍ଗା, ୧୭ ।୨(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବାହାଦୂରପଦରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ପରିବେଶ ସୁରକ୍ଷା ଉପରେ କୁହାଯିବା ସହ ଚାରାରୋପଣ ପାଇଁ ପ୍ରେରଣା ଦେଇଥିଲେ। ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଅନୁରୋଧ କରାଯାଇଥିଲା। ଏଥିଲାଗି ଲୋକଙ୍କୁ ସଚେତନତା କରିବା ଏବଂ ବନ୍ୟପ୍ରାଣୀଙ୍କ ପାଇଁ ଜଳ ଯୋଗାଣ ସୁବିଧା କରିବା ସହ ବର୍ଷା ଋତୁରେ ଅଧିକରୁ ଅଧିକ ଚାରାରୋପଣ କରିବା ନେଇ ଆଲୋଚନା ହୋଇଥିଲା। ମହିପାଳ ପୋଡ଼ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ମଦନ ଦାସ, ଇଶିତ ଡାଙ୍ଗ, ହରେନ୍ଦ୍ର ଦାସ ଓ ଯୁଗେଶ୍ୱର ବାଗ ସହଯୋଗ କରିଥିଲେ

## ପାତ୍ରବସା ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

କଳମପୁର, ୧୭ ।୨(ସମିସ): କଳମପୁର ବ୍ଲକ ପାତ୍ରବସା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଚ୍ଚଡିଆଁ, ଲମ୍ବ ଡିଆଁ, ସାଇକଲ ଚାଳନା, ଆଳୁଚାମଚ ଦୌଡ, ଗୋଲାଫିଙ୍ଗା, ଦଉଡି ଡିଆଁ, ଚଣା ଗୋଟା ଆଦି ପ୍ରତିଯୋଗିତା ହୋଇଥିଲା। ଅତିଥି ଭାବେ ପୋଟେସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ମାଝୀ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନ୍ମଥ ମିଶ୍ର, ସହକାରୀ ଶିକ୍ଷକ ଚନ୍ଦନ ମାର୍ଥା, ସହକାରୀ ଶିକ୍ଷୟିତ୍ରୀ ସୁଲୋଚନା ସୁନାନୀ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଅଭିଳାଷ ପ୍ରଧାନୀ ଓ ଅନ୍ୟ ସଭ୍ୟସଭ୍ୟା ସହଯୋଗ କରିଥିଲେ।

## ରନ୍ଧନ ଗ୍ୟାସ୍ କଳାବଜାର; ପ୍ରଶାସନର ନିଘା ନାହିଁ

କଳମପୁର, ୧୭ ।୨(ସମିସ): କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳରେ ରନ୍ଧନ ଗ୍ୟାସ କଳାବଜାର ହେବାରେ ଲାଗିଛି। କିରାନା ଦୋକାନ, ରାସାୟନିକ ସାର ଦୋକାନରେ ବିପୁଳ ପରିମାଣରେ ରନ୍ଧନ ଗ୍ୟାସ୍ ମହଜୁଦ ହେଉଛି। ଗ୍ରାହକଙ୍କୁ ଏହା ଚଢ଼ା ଦରରେ ବିକ୍ରି ହେଉଛି। ଏପରିକି ଜନବସତି ଓ ଲୋକଙ୍କ ଘରେ ମଧ୍ୟ ରନ୍ଧନ ଗ୍ୟାସ୍ ବିକ୍ରି ଉଦ୍ଦେଶ୍ୟରେ ମହଜୁଦ ରଖାଯାଉଛି। ଏଥିଯୋଗୁଁ ଧନ ଜୀବନ ହାନି ହେବାର ଆଶଙ୍କା ରହୁଛି। ପ୍ରଶାସନ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଅଣସ୍ୱୀକୃତିପ୍ରାପ୍ତ ବ୍ୟବସାୟ ଉପରେ ପ୍ରଶାସନ ବି ଅଙ୍କୁଶ ଲଗାଇ ପାରୁନାହିଁ। ବେଆଇନ ଭାବେ ଏଭଳି ରନ୍ଧନ ଗ୍ୟାସ୍ ବ୍ୟବସାୟ କାୟା ବିସ୍ତାର କରିବାରେ ଲାଗିଛି। ତେବେ ଏ ନେଇ ବ୍ଲକ ଯୋଗାଣ ନୀରିକ୍ଷିକା ଲିସା ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ। ଏହାପରେ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁସାରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# କର୍ଲାମୁଣ୍ଡା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ନୂଆ କର୍ମକର୍ତ୍ତା



**କର୍ଲାମୁଣ୍ଡା, ୧୭ ।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ରତନ ଭୋଇ ହାଇସ୍କୁଲରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପରିଚାଳିତ କର୍ଲାମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନୂତନ କମିଟି ଗଠିତ ହୋଇଛି। ଆୟୋଜିତ ବୈଠକରେ କର୍ଲାମୁଣ୍ଡା ବ୍ଲକ ସଭାପତି ରୋହିତ ରଣା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପଦେଷ୍ଟା ଅଶୋକ ତ୍ରିପାଠୀ, କଳାହାଣ୍ଡି ଜିଲ୍ଲା ସଭାପତି ବୀରେନ୍ଦ୍ର ବାଗ, ଜିଲ୍ଲା କୋଷାଧ୍ୟକ୍ଷ ଶିବ ଦାଶ, ଜିଲ୍ଲା ଯୁଗ୍ମ ସମ୍ପାଦକ ଉପେନ୍ଦ୍ର ପଧାନ, ଜିଲ୍ଲା କୋର୍ କମିଟି ସଦସ୍ୟ ଯୋଗେଶ୍ୱର ମିଶ୍ର, ଶ୍ରୀନିବାସ ଆଚାରୀ, ତ୍ରିନାଥ କୁମାର, ତପନ ବେହେରା, ଥୁଆମୂଳ ରାମପୁର ବ୍ଲକର ଅଜିତ ନାଏକ, ସଦର ବ୍ଲକ ସମ୍ପାଦକ ପ୍ରଦ୍ୟୁମ୍ନ ହୋତା, ଜିଲ୍ଲା ଉପସଭାପତି ବେଣୁଧର ବିଶ୍ୱାଳ, କର୍ଲାମୁଣ୍ଡା ବ୍ଲକ ସମ୍ପାଦକ ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷକ ସଂଗଠନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନୂତନ ଭାବେ ବ୍ଲକ ଶିକ୍ଷକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ, ସମ୍ପାଦକ ସଞ୍ଜୟ ଦାଶ, ଉପ ସଭାପତି ତୁଳାମତି ସାହୁ ଓ ସୌଭାଗ୍ୟ ସାହୁ, ଯୁଗ୍ମ ସମ୍ପାଦକ ପ୍ରତାପ ପ୍ରଧାନ, ସୀମାଞ୍ଚଳ ମାଝୀ, ଚର୍ଚ୍ଚିଳ ସାହୁ, ବ୍ଲକ ସଂଯୋଜକ କମଳ କୁମାର, କୋଷାଧ୍ୟକ୍ଷ ଦଣ୍ଡପାଣି ନାଏକ ପ୍ରମୁଖ ନିର୍ବାଚିତ ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି। ସଭାକାର୍ଯ୍ୟରେ ଶିକ୍ଷକ ଦୁର୍ଗା ପ୍ରସାଦ ସାହୁ ସଂଯୋଜନା କରିଥିଲେ ଓ ରେଙ୍ଗାଲି ସିଆରସିସି ଉଜ୍ୱଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୋବାଇଲ ଟାୱାର ଉପରକୁ ଚଢ଼ିଗଲେ ନିଶାସକ୍ତ ଯୁବକ

## ● ଉଦ୍ଧାର ପାଇଁ ପୁଲିସ-ଅଗ୍ନିଶମ ବିଭାଗ ଝାଳନାଳ

**ସିନାପାଲି, ୧୭।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ଲିଟିଗୁଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନିଶାସକ୍ତ ଯୁବକ ଏକ ମୋବାଇଲ ଟାୱାର ଉପରକୁ ଚଢ଼ିଯାଇ ପୁଲିସ ଓ ଅଗ୍ନିଶମ ବିଭାଗକୁ ପାଣି ପିଆଇଛନ୍ତି। ସମ୍ପୃକ୍ତ ଯୁବକ ଜଣକ ଲିଟିଗୁଡା ଗ୍ରାମର ଗୋବର୍ଦ୍ଧନ ମାଝୀ (୨୨)। ତାଙ୍କୁ ଉଦ୍ଧାର କରିବାକୁ ପୁଲିସ ଓ ଅଗ୍ନିଶମ ବିଭାଗ ଢେର୍ ସମୟ ଧରି ଝାଳନାଳ ହୋଇଛି। ଦୀର୍ଘ ସମୟର ପରିଶ୍ରମ ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ଏହାପରେ ତୁରନ୍ତ ତାଙ୍କୁ ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପରୀକ୍ଷା କରାଯାଇଥିଲା। ଶେଷରେ ପୁଲିସ ତାଙ୍କ ପରିବାର ଲୋକଙ୍କ ଜିମା ଦେଇଛି। ସିନାପାଲି ଥାନାଧିକାରୀ ରଶ୍ମିତା ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଅଗ୍ନିଶମ ଅଧିକାରୀ ନରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କର୍ମଚାରୀ ନିରୋଦ ବିଶ୍ୱାଳ, ହେମନ୍ତ ପରିଡ଼ା, ସତ୍ୟନାରାୟଣ ପୁଟେଲ, ତେଜରାଜ ନିଆଳ, ଉମାଶଙ୍କର ଶବର ଓ କୁମୁଦ ବେହେରା ପ୍ରମୁଖ ତାଙ୍କୁ ଉଦ୍ଧାର କରିବାକୁ ଦୀର୍ଘ ସମୟ ଧରି କସରତ କରିଥିଲେ।



## ମାଟ୍ରିକ ଖାତା ମୂଲ୍ୟାୟନ ପୂର୍ବରୁ ଆନ୍ଦୋଳନ ପାଇଁ ସଜବାଜ

# ଜିଲ୍ଲାପାଳଙ୍କୁ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀଙ୍କ ସ୍ମାରକପତ୍ର

**ନୂଆପଡ଼ା, ୧୭।୨(ସମିସ):**



ଆଗକୁ ମାଟ୍ରିକ ବୋର୍ଡ ପରୀକ୍ଷା ଏବଂ ପରେ ଖାତା ମୂଲ୍ୟାୟନ କାର୍ଯ୍ୟ ହେବା ସୁନିଶ୍ଚିତ। ତେଣୁ ଦୀର୍ଘ ଦିନ ଧରି ବିଭିନ୍ନ ଦାବି ନେଇ ଆନ୍ଦୋଳନ କରିଆସିଥିବା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପୁଣି ଥରେ ଆନ୍ଦୋଳନ ପାଇଁ ଅଣ୍ଟା ଭିଡୁଛନ୍ତି। ସୋମବାର ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ୧୯୪ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହିତ ପେନସନ ପ୍ରଦାନ କରିବା, ଅବସର ବୟସ ସୀମାକୁ ୬୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବା, ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କୁ ଯଥାଶୀଘ୍ର ସରକାରୀ ଘୋଷଣା କରିବା, ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ପୂର୍ବ ୬ ବର୍ଷ ଚାକିରି କାଳକୁ ନିୟମିତ କରିବା ଇତ୍ୟାଦି ଦାବିଗୁଡ଼ିକ ସାମିଲ ରହିଛି। ଅପରାହ୍ଣରେ ସମନ୍ୱୟ ସମିତି ଜିଲ୍ଲା ଆବାହକ ତଥା ଜିଲ୍ଲା ଓଷ୍ଟା ସମ୍ପାଦକ ରବୀନ୍ଦ୍ରନାଥ ଯୋଷୀ, ଜିଲ୍ଲା ଓଷ୍ଟା ସଭାପତି ବନବିହାରି ମେହେର, କାର୍ଯ୍ୟକାରି ସଭାପତି ସୁଶାନ୍ତ ବିଶି ପ୍ରମୁଖଙ୍କ ନେତୃତ୍ୱରେ କଲେଜ ଓ ସ୍କୁଲ ଶିକ୍ଷକ ଓ କର୍ମଚାରୀ ପ୍ରତିନିଧି ଆସି ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରେରଣ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର ଦାବିପତ୍ର ଗ୍ରହଣ କରିଥିଲେ। ଦାବିଗୁଡ଼ିକ ସରକାର ତୁରନ୍ତ ପୂରଣ ନ କଲେ ଆଗାମୀ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିବାକୁ ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି। ଆବଶ୍ୟକସ୍ଥଳେ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ମଧ୍ୟ ବର୍ଜନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅନ୍ୟଶିକ୍ଷକ ନେତୃତ୍ୱମାନଙ୍କ ମଧ୍ୟରୁ ସୁଶୀଲ ଯୋଷୀ, ସୁବାଷ ଚନ୍ଦ୍ର ସାହୁ, ତପନ ବହିଦାର, ଅନିରୁଦ୍ଧ ପଣ୍ଡା, ଭୀମସେନ ସାହୁ, ସୁଶୀଲ ତ୍ରିପାଠୀ, ମହତାବ ଗିରି ଓ ଉପେନ୍ଦ୍ର ନାଥ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।

## ମୌଳିକ ସୁବିଧାରୁ ବଞ୍ଚିତ ରୁଗୁଡ଼ିପଡ଼ାବାସୀ



**ଗାଁଲୋକଙ୍କ ଭରସା ପୋଖରୀ ପାଣି**

**ଯିବା ଆସିବା ପାଇଁ ରାସ୍ତା ନାହିଁ**

**ପ୍ରଶାସନିକ ଅଧିକାରୀଙ୍କ ନଜର ନାହିଁ**

**ଶଗଡ଼ା, ୧୭ ।୨(ସମିସ):** ସରକାର ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଅନେକ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ଉପାନ୍ତ ଅଞ୍ଚଳରେ ସରକାରୀ ଯୋଜନା ପହଞ୍ଚି ପାରୁନି। ଅନେକ ସ୍ଥାନରେ ଲୋକେ ଆଜି ବି ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ସାହାଜପିଟା ନିକଟ ରୁଗୁଡ଼ିପଡ଼ା ଏହାର ନମୁନା

ଏହି ପଡ଼ାରେ ୫ଟି ପରିବାରର ୨୦ ଜଣ ଲୋକ ବସବାସ କରୁଛନ୍ତି। ପଡ଼ାରେ ନା ପାନୀୟ ଜଳ ବ୍ୟବସ୍ଥା ଅଛି ନା ସବୁ ଦିନିଆଁ ରାସ୍ତା ଅଛି। ବିଲ ରାସ୍ତାରେ ଲୋକେ ଯିବା ଆସିବା କରିବାପାଇଁ ବାଧ ହୁଅନ୍ତି। ବର୍ଷା ହେଲେ ଚାଲି ଚାଲି ଯିବା ମଧ୍ୟ ସମ୍ଭବ ନୁହେଁ। ଗ୍ରାମକୁ ଚାରି ଚକିଆ ଯାନ ଯାଇ ପାରେ ନାହିଁ। ପଡ଼ାରେ ପାନୀୟ ଜଳ ସୁବିଧା ନ ଥିବାରୁ ଲୋକେ ପରିତ୍ୟକ୍ତ ଅବସ୍ଥାରେ ଥିବା ପୋଖରୀରୁ ଗୋଳିଆ ପାଣି ବ୍ୟବହାର କରିଥାନ୍ତି। ନଳକୂପ ପାଣି ପାଇଁ ଗ୍ରାମବାସୀଙ୍କୁ ୨ କିଲୋମିଟର ଚାଲି ଚାଲି ଯିବାକୁ ପଡେ। ଲୋକେ ପାନୀୟ ଜଳ, ଗାଧୋଇବା ସହ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଉକ୍ତ ପୋଖରୀ ଉପରେ ନିର୍ଭର କରିଥାନ୍ତି। ଅନେକ ସମୟରେ ପୋଖରୀର ଦୂଷିତ ଗୋଳିଆ ପାଣି ବ୍ୟବହାର କରି ଅନେକ ରୋଗର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ରାସ୍ତା ସହ ପାନୀୟ ଜଳ ପାଇଁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରସାଶନିକ ଅଧିକାରୀଙ୍କ ନିକଟରେ ଅନେକ ଥର ଅଭିଯୋଗ କରିଛନ୍ତି। କେହି କିନ୍ତୁ ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମରେ ଏକ ନଳକୂପ ଖୋଳିବା ସହ ଗ୍ରାମକୁ ସବୁ ଦିନିଆଁ ରାସ୍ତା କରିବା ପାଇଁ ସନ୍ତୋଷିନୀ ଘିବିଲା, ଆସୀନ ମନହୀରା, ଫୁଲମତି ଘିବିଲା ପ୍ରମୁଖ ଗ୍ରାମବାସୀ ଜିଲ୍ଲା ପ୍ରସାଶନକୁ ଅନୁରୋଧ କରିଛନ୍ତି।

### ବୌଦ୍ଧ ଜିଲ୍ଲା ପ୍ରଶାସନର 'ଗାଁକୁ ଚାଲ' ଅଭିଯାନ ଜୋରଦାର

# ଦୁର୍ଗମ ଗାଁ ଲୋକଙ୍କ ସମସ୍ୟା ବୁଝିଲେ ଜିଲ୍ଲାପାଳ

**ଚାରିଛକ, ୧୭ ।୨(ସମିସ):**

ବୌଦ୍ଧ ଜିଲ୍ଲା ପ୍ରଶାସନ 'ଗାଁକୁ ଚାଲ' ଅଭିଯାନ ଆରମ୍ଭ କରିଛି। ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡାଙ୍କ ନେତୃତ୍ୱରେ ଏକ ୩୦ଜଣିଆ ପ୍ରଶାସନିକ ଟିମ୍ ପାହାଡିଆ ତଥା ଦୁର୍ଗମ ରାସ୍ତାରେ ପାଖାପାଖି ୪ କିଲୋମିଟର ଚାଲି ଚାଲି ୮ଶହ ଫୁଟ ଉଚ୍ଚରେ ଥିବା ଦୁର୍ଗମ ଗାଁ ସବେରୀରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଛନ୍ତି।



ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡେଣିଗଡ଼ ପଞ୍ଚାୟତର ୧୨ନମ୍ବର ଓାର୍ଡ ଅଧୀନ ପୋଡହଳ ସଂରକ୍ଷିତ ଜଙ୍ଗଲର ୩/୪ଟି ଘାଟି ଉପରେ ଅବସ୍ଥିତ ଦୁର୍ଗମ ଗାଁ ସବେରୀରେ ଚାଲି ଚାଲି ପ୍ରଶାସନିକ ଟିମ୍ ପହଞ୍ଚିଥିଲା। ଗ୍ରାମବାସୀ ପ୍ରଶାସନିକ ଟିମ୍‌କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ଗଛତଳେ ବସି ଜିଲ୍ଲାପାଳ ଗାଁ ଲୋକଙ୍କ ସବୁ ସମସ୍ୟା ଗୋଟି ଗୋଟି କରି ପଚାରି ବୁଝିଥିଲେ। ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍, ଶିକ୍ଷା ଭଳି ସର୍ବନିମ୍ନ ମୌଳିକ ସୁବିଧାରୁ ଆଦିମ ଅଧିବାସୀ ବଞ୍ଚିତ ଥିବା ଜିଲ୍ଲାପାଳ ଜାଣିବାକୁ ପାଇଥିଲେ। ଗାଁରେ ପୋଖରୀ କି କୌଣସି ପ୍ରାକୃତିକ ଜଳ ଉତ୍ସ ନ ଥିବାରୁ ମଣିଷ/ପଶୁ ଗୋଟିଏ କୂଅରୁ ଶୋଷ ମେଣ୍ଟାଉଥିବା ଗାଁ ଲୋକଙ୍କ ପାଖରୁ ଶୁଣି ଜିଲ୍ଲାପାଳ ସଙ୍ଗେ ସଙ୍ଗେ ଗାଁରେ ତତ୍କାଳ ୩ଟି କୂଅ ଖନନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଲୋକଙ୍କ ପାଇଁ ରାସ୍ତା ନିର୍ମାଣ ପାଇଁ ମନରେଗା ଯୋଜନାରେ ୧୩ଲକ୍ଷ ୭୦ ହଜାର ଟଙ୍କା ଅନୁମୋଦନ ହୋଇଥିବା ଗ୍ରାମବାସୀଙ୍କୁ ଜିଲ୍ଲାପାଳ ଜଣାଇଥିଲେ। ତତ୍କାଳ ସାମୂହିକ ଭାବେ ମିଶି ରାସ୍ତା କାମରେ ସହଯୋଗ ପାଇଁ ଜିଲ୍ଲାପାଳ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ଗାଁରେ ସ୍ୱୟଂସହାୟକ ଦଳ ନ ଥିବାରୁ ତୁରନ୍ତ ଦଳ ଗଠନ କରି ସରକାରୀ ଯୋଜନାର ଲାଭ ଉଠାଇବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହା ସହିତ ସ୍ୱାବଲମ୍ବୀ ହେବା ପାଇଁ ଅଷ୍ଟମ/ଦଶମ ଶ୍ରେଣୀ ପାଠପଢ଼ି ଘରେ ରହିଥିବା ଯୁବକ ଯୁବତୀଙ୍କୁ ସିଲେଇ, ମୋବାଇଲ ମରାମତି ଭଳି ମାଗଣା ତାଲିମ ସହ ରୋଜଗାରକ୍ଷମ ହେବାକୁ ଆହ୍ୱାନ ଦେଇଥିଲେ। ସେହିଭଳି ମାଣ୍ଡିଆ, ସୋରିଷ ଇତ୍ୟାଦି ଚାଷ କରି ଲାଭବାନ ହେବାକୁ ଉପସ୍ଥିତ କୃଷି ଅଧିକାରୀ ଗାଁ ଲୋକଙ୍କୁ ବିଝାଇଥିଲେ। ବନ ସୁରକ୍ଷା ସମିତିରେ ସାମିଲ ହେବାକୁ ଜିଲ୍ଲାପାଳ ଗାଁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ସୁଭଦ୍ରା ଯୋଜନାରେ ସରକାରୀ ସହାୟତା କଥା ପଚାରି ବୁଝିବା ସହିତ ଗୌତମ ମଲ୍ଲିକ ଭଳି ଜଣେ ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କରିଥିଲେ। ଏହା ସହିତ ସମସ୍ତଙ୍କୁ ଚକୋଲେଟ /ବିସ୍କୁଟ ସହିତ ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏହାପରେ ଜିଲ୍ଲାପାଳ ବାଲେଜୁ, ଆଡାପାଜୁ, ମାଣ୍ଡାଲି, ଛତ୍ରପଡ଼ା ଗାଁ ଲୋକଙ୍କ ସମସ୍ୟା ବୁଝିବା ସହ କମ୍ବଳ ବଣ୍ଟନ କରିଥିଲେ। ବେଡି ମଲ୍ଲିକ (୪୫) ନାମ୍ନୀ ଜଣେ ଅବିବାହିତ ଆଦିବାସୀ ମହିଳାଙ୍କୁ ଜିଲ୍ଲାପାଳ ତତ୍କାଳ ଭତ୍ତା ପ୍ରଦାନ କରିଥିଲେ। ସେଠାରେ ଲୋକଙ୍କ ସମସ୍ୟା ବୁଝିବା ପରେ ପାଖାପାଖି ୪ କିଲୋମିଟର ଘାଟି /ପାହାଡ ରାସ୍ତାରେ ଚାଲି ଚାଲି ଲେଙ୍ଗେରପାଜୁରେ ପହଞ୍ଚି ସେଠାକାର ଅଧିବାସୀଙ୍କ ସମସ୍ୟା ବୁଝିଥିଲେ। ସେଠାରେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ବୁଝାଇଥିଲେ। ବିଶେଷକରି ସ୍ୱୟଂସହାୟକ ଦଳକୁ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ଧାନ ଚାଷ ସହ ଛେଳି, ଗାଈ, କୁକୁଡା ଚାଷ କରିବାକୁ ଲୋକଙ୍କୁ ବୁଝାଇଥିଲେ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବନଖଣ୍ଡ ଅଧିକାରୀ ଦୁର୍ଗମବାସୀଙ୍କ ସହଯୋଗ କାମନା କରିଥିଲେ।

ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ବୌଦ୍ଧ ଡିଏଫଓ ଦେବପ୍ରିୟ କମ୍ପ, ହରଭଙ୍ଗା ବିଡିଓ ଶରତ ସେଠୀ, ହରଭଙ୍ଗା ତହସିଲଦାର ବିଭୁପ୍ରସାଦ ସିଂ, ହରଭଙ୍ଗା ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ସବ୍ୟସାଚୀ ଦାସ, ହରଭଙ୍ଗା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବୀରେନ୍ଦ୍ର ପୃଷ୍ଟି, ମାଧପୁର ରେଞ୍ଜ ଅଫିସର ଆଶିକ ଦିଗାଲ, ବନପାଳ ସୁନିଲ କ୍ଷେତି, ଭକ୍ତ ମଲ୍ଲିକ, ହେମନ୍ତ ପ୍ରଧାନ, ଅବିନାଶ ପ୍ରଧାନ, ଦିଲ୍ଲୀପ ମଲ୍ଲିକ, ହିମାଂଶୁ ଶେଖର ମଲ୍ଲିକ, ରବିନ ପ୍ରଧାନ, ସ୍ୱାସ୍ଥ୍ୟକର୍ମୀ ଈଶ୍ୱର ବେହେରା, ଫାର୍ମାସିଷ୍ଟ ରାଜେନ୍ଦ୍ର ପ୍ରଧାନ, ରବୀନ୍ଦ୍ର ସ୍ୱାଇଁ, ବୀରେନ୍ଦ୍ର କହଁର ପ୍ରମୁଖ ସାମିଲ ଥିଲେ।

## ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଶିଶୁଙ୍କ ଗଳ୍ପ ଆସର



ମନମୁଣ୍ଡା, ୧୭ ।୨(ସମିସ): ବୌଦ୍ଧ ଜିଲ୍ଲା ଖଟଖଟିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଗଳ୍ପ କଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସମୀର ପ୍ରଧାନ ସମ୍ମାନୀତ ଅତିଥି ଯୋଗଦେଇ ଥିବାବେଳେ ଶିକ୍ଷକ ରଞ୍ଜୁ ଅମାତ ଗଳ୍ପ କଥନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଛାତ୍ରୀ ଆରୁଷି କମ୍ପ, ଶ୍ୱେତଲିନା କମ୍ପ, ଶ୍ରେୟାରଣୀ ପାଢ଼ୀ, ଗାୟତ୍ରୀ ବାରିକ, ସିଦ୍ଧିସ୍ୱରୂପା ନାଏକ, ସୁନିତା ପ୍ରଧାନ, ସିଲି ନାଏକ ପ୍ରମୁଖ କ୍ଷୁଦ୍ରଗଳ୍ପ ପଠନ କରିଥିଲେ। ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗଣେଶ ମିଶ୍ର ସଭାପତିତ୍ୱ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ସତ୍ୟବାନ ବସ୍ତିଆ ଓ ନାଟ୍ୟକାର ହରିହର ପ୍ରଧାନ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ସୁଶୀଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହ୍ୟ ତାତିରୁ ମୁକ୍ତି ପାଇଁ ଚାରା ରୋପଣ

ଚାରିଛକ, ୧୭ ।୨(ସମିସ): ବର୍ତ୍ତମାନଠୁ ଅସହ୍ୟ ଗ୍ରୀଷ୍ମ ଅନୁଭୂତ ହେଲାଣି। ଜୀବଜଗତ ପ୍ରଚଣ୍ଡ ତାତିରୁ ରକ୍ଷା ପାଇବା ପାଇଁ ହାହାକାର ହେଲେଣି। ଦିନକୁ ଦିନ ଜଙ୍ଗଲ କ୍ଷୟ ହେଉଥିବାରୁ ଖରା ଓ ତାତି ବୃଦ୍ଧି ପାଇବାରେ ଲାଗିଛି। ତା ସହିତ ଜଳବାୟୁରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ତେବେ ଏହି ପରିପ୍ରେକ୍ଷୀରେ ହରଭଙ୍ଗା ବ୍ଲକ ଛତ୍ରଙ୍ଗ ପଞ୍ଚାୟତ ଗୁଣ୍ଡୁରୀସାହି ଗ୍ରାମରେ ଚାରା ରୋପଣ କରାଯାଇଛି। ସୁଧୀର ଦୀପଙ୍କ ତତ୍ତ୍ୱାବଧାନରେ ଗ୍ରାମର ଯୁବକମାନେ ଚାରାରୋପଣ କରିଛନ୍ତି। ଏଥିରେ ଗ୍ରାମ ସଭାପତି ରମେଶ ପ୍ରଧାନ ଯୋଗ ଦେଇଥିଲେ। ଚାଖୁଣ୍ଡା, କୃଷ୍ଣଚୁଡା, ଆମ୍ବ, ପିଜୁଳି, ପଣସ ଓ କାଜୁ ପ୍ରଭୃତି ଚାରା ରୋପଣ କରାଯାଇଥିଲା।



## କଣ୍ଟାମାଳରେ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର



**ଶଗଡ଼ା, ୧୭ ।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳରେ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୬୨ଟି ମାମଲା ପଞ୍ଜୀକୃତ ହୋଇଥିଲା। ଏଥିରେ ୫୮ଟି ବ୍ୟକ୍ତିଗତ ଓ ୪ଟି ସାମୂହିକ ମାମଲା ଅନ୍ତର୍ଭୁକ୍ତ। ଶିବିରରେ ଜଣକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ହାଜର ଓ ଜଣକୁ ଆଶାବାଡି ପ୍ରଦାନ କରାଯାଇଥିବା ବେଳେ ୪୦ଟି ଅଭିଯୋଗର ତ୍ୱରିତ ସମାଧାନ କରା ଯାଇଥିଲା। ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ ହୋଇଥିଲା; ଯେଉଁଥିରେ ୩୦ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଏସ୍‌ପି ନାଗରାଜ ଦେବରକୋଣ୍ଡା, ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, କଣ୍ଟାମାଳ ବିଡ଼ିଓ ସାମୀ ଜୟଶ୍ରୀ ରେ‡ୀ, କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, କଣ୍ଟାମାଳ ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ବ୍ଲକ ଶିକ୍ଷା ଅଧିକାରୀ ସନୋଜ୍ ସେଠୀ, କଣ୍ଟାମାଳ ଶିଶୁ ବିକାଶ ଅଧିକାରୀ ପଙ୍କଜିନୀ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ କଣ୍ଟାମାଳ ବ୍ଲକ୍ ଗସ୍ତ



ଶଗଡ଼ା, ୧୭ ।୨(ସମିସ): ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା ସୋମବାର କଣ୍ଟାମାଳ ଗସ୍ତ କରିଛନ୍ତି। ଏହି ଅବସରରେ ସେ ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ପ୍ରଥମେ ପଲସାଗୋରା ମଣ୍ଡି ପରିଦର୍ଶନ କରିଥିଲେ। ପରେ ବାଘମୁଣ୍ଡା, ଖଟଖଟିଆ ଅଙ୍ଗନବାଡି କେନ୍ଦ୍ର ସହ ଖଟଖଟିଆ ଛତୁଆ ପ୍ରସ୍ତୁତି କେନ୍ଦ୍ର, ଖଟଖଟିଆ ଆମ୍ବ ବଗିଚା ସହ ରତାଖଣ୍ଡି ପ୍ରକଳ୍ପ ବୁଲି ଦେଖିଥିଲେ। ଜିଲ୍ଲାପାଳ ଶ୍ରୀ ପଣ୍ଡା ମନମୁଣ୍ଡା ମଣ୍ଡି ପରିଦର୍ଶନ କରିବା ସହ ସମସ୍ୟା ସମ୍ପର୍କରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ଶ୍ରୀ ପଣ୍ଡାଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ ବାଣୁଆ, ସମବାୟ ସମିତି ସମୂହର ଉପ ନିବନ୍ଧକ ହାଡ଼ିବନ୍ଧୁ ମହାଖୁଡ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, କଣ୍ଟାମାଳ ଶିଶୁ ବିକାଶ ଅଧିକାରୀ ପଙ୍କଜିନୀ ମିଶ୍ର ପ୍ରମୁଖ ସାମିଲ ଥିଲେ।

## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ସୁବଳୟା/ ବୀରମହାରାଜପୁର, ୧୭।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଡୁଲେଶ୍ୱରସ୍ଥିତ ରାଧାମୋହନ ଉଚ୍ଚବିଦ୍ୟାଳୟରେ ସୋମବାର ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ବନମାଳୀ ଶାସିନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଅମରେନ୍ଦ୍ର ଦେହୁରୀ, ଉଜ୍ୱଳ ମଣି ପାତ୍ର ଓ ବାସୁଦେବ ପଧାନ ମଞ୍ଚାସୀନ ଥିଲେ। ଶିକ୍ଷକ ପ୍ରଦୀପ ପୁରୋହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବସରରେ ଦଶମ ଶ୍ରେଣୀର, ବିମଳା ଦନାୟକ ଓ ତନିଶା ବିଶି ପ୍ରମୁଖ ସ୍କୁଲ ସମୟର ନିଜନିଜର ଅନୁଭୂତି ଓ ସ୍ମୃତିଚାରଣ କରିଥିଲେ। ପରୀକ୍ଷାର୍ଥୀଙ୍କୁ ଆଗାମୀ ପରୀକ୍ଷା କିଭଳି ସେମାନଙ୍କୁ ସହଜ ହେବ ସେନେଇ ଶିକ୍ଷକମାନେ ଟିପ୍ସ ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ପରମେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଅଭିଯୋଗ ଶୁଣାଣି ଶିବିର



**ସୋନପୁର, ୧୭।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୬୪ଟି ପଞ୍ଜିକୃତ ଅଭିଯୋଗ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୫୧ଟି ଗ୍ରହଣ କରାଯାଇଥିବା ବେଳେ ୧୩ଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଛି। ଗୋଟିଏ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଛି। ଅନ୍ୟ ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଡୁଙ୍ଗୁରିପାଲି ବିଡିଓ ଦିଲୀପ ବାରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ସୌମ୍ୟାରୁପା ରଥ, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧକ୍ଷା ଅହଲ୍ୟା ସାହୁଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗେଦେଇଥିଲେ।

## ଉମା ହାଇସ୍କୁଲରେ ପ୍ରଧାନଶିକ୍ଷକ ସମ୍ମିଳନୀ

ଶଗଡ଼ା, ୧୭ ।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଉମା ପଞ୍ଚାୟତ ଅଧୀନ ଉମାସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଚତୁର୍ଦ୍ଦଶ ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାସିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ଗୋଷ୍ଠୀ ଶିକ୍ଷାଧିକାରୀ ସନୋଜ ସେଠିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଦ୍ଧବ ମହାଲିକ, ଉଚ୍ଚାଭିଳାଷୀ ପାଠ୍ୟକ୍ରମର ଜିଲା ସଂଯୋଜକ ଦେବବ୍ରତ ବେହେରା ଯୋଗ ଦେଇଥିଲେ। ଉମା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମାନସୀରାଣୀ କହଁର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ହାଇସ୍କୁଲର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ୨୦୨୫ ମାଟ୍ରିକ ପରୀକ୍ଷା ଦାୟିତ୍ୱ ନେଇଥିବା ସମସ୍ତ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ କଷ୍ଟେଶ୍ୱର ଭୋଇଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଟମାଟୋ ଚାଷୀ ଅଭାବୀ ବିକ୍ରିର ଶିକାର



**● ଚାଷୀ ମୁଣ୍ଡରେ ଚଡ଼କ; କିଲୋ ୪ ଟଙ୍କାରେ ବିକୁଛନ୍ତି**

**ସୋନପୁର,୧୭।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ଟମାଟୋ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଏଠାରେ ଟମାଟୋ କିଲୋ ମାତ୍ର ୪ ଟଙ୍କାରେ ବିକ୍ରି ହେଉଛି। ଫଳରେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏତେ କମ୍ ଦରରେ ଚାଷୀଙ୍କୁ ଟମାଟୋ ବିକ୍ରି କରିବାକୁ ପଡୁଛି ଯେ, ମୂଳ ବି ଉଠୁନି। ତେଣୁ ଟମାଟୋ ଚାଷକରି ଚାଷୀମାନେ ବେହାଲ ହୋଇଯାଇଛନ୍ତି। ସୋନପୁର ବ୍ଲକ୍ ଖଇରଟିକ୍ରାର ଚାଷୀ ସୁରେଶ ମିଶ୍ର କହିଛନ୍ତି ଯେ, ଗୋଟିଏ କ୍ୟାରେଟ ଟମାଟୋକୁ ଆମଠୁ ବ୍ୟବସାୟୀମାନେ ୧୦୦ ଟଙ୍କାରେ କିଣୁଛନ୍ତି। କ୍ୟାରେଟରେ ୨୫ କିଲୋ ଟମାଟୋ ଭର୍ତ୍ତି ହୋଇଥାଏ। ତେବେ ଚାଷୀମାନେ କିଲୋପ୍ରତି ୪ ଟଙ୍କାରେ ଟମାଟୋ ବିକ୍ରି କରୁଛନ୍ତି। ତାହା ପୁଣି ବ୍ୟବସାୟୀଙ୍କ ନିକଟକୁ ଟମାଟୋ ପହଞ୍ଚାଇବାକୁ ପଡୁଛି। ମୂଲ୍ୟ ବି ଫେରୁ ନଥିବାରୁ ଟମାଟୋ ତୋଳିବାକୁ ବି ଇଚ୍ଛା ହେଉନାହିଁ ବୋଲି ଚାଷୀମାନେ କ୍ଷୋଭର ସହ କହିଛନ୍ତି। ସୋନପୁରରେ ଶୁକ୍ରବାରଠୁ ବ୍ୟବସାୟୀମାନେ ୧୦ ଟଙ୍କାରେ ଦେଢ଼ କିଲୋ ଟମାଟୋ ବିକ୍ରି କରୁଛନ୍ତି। ଖାଉଟିଙ୍କୁ ଏଭଳି ଦରରେ ଟମାଟୋ ବିକ୍ରି କରି ବ୍ୟବସାୟୀମାନେ ଭଲ ଲାଭ ପାଉଛନ୍ତି। ଚାଷୀମାନେ ତାଙ୍କ କଷ୍ଟ ଉପାର୍ଜିତ ଦ୍ରବ୍ୟକୁ ଅତି କମ୍ ଦରରେ ଟେକିଦେଇ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଟମାଟୋ ଚାଷୀମାନେ ବିହନ, ସାର ଓ ପରିଶ୍ରମର ମୂଲ୍ୟ ଫେରି ପାଉନାହାନ୍ତି। ସୁବର୍ଣ୍ଣପୁର ଜିଲ୍ଲାରେ ଚାଷୀଙ୍କ ପନିପରିବା ସାଇତି ରଖିବା ପାଇଁ ଶୀତଳ ଭଣ୍ଡାରଟିଏ ନାହିଁ। ତେଣୁ ନଷ୍ଟ ହୋଇଯିବାର ଭୟରେ ଲାଭ ମିଳୁ କି ନମିଳୁ ଚାଷୀମାନେ ଶୀଘ୍ର ଫସଲ ବିକ୍ରି କରିଦିଅନ୍ତି। ଜିଲ୍ଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହୃଷିକେଶ ଦାଶଙ୍କ କହିବାର କଥା ହେଲା ଏକ ସମୟରେ ଚାଷୀମାନେ ଭିନ୍ନ ଭିନ୍ନ ପନିପରିବା ଚାଷ ନକରି ସମାନ ଫସଲ କରୁଥିବାରୁ ଏଭଳି ସମସ୍ୟା ଦେଖାଦେଉଛି। କିଛିଦିନ ପାଇଁ ଫସଲକୁ ସୁରକ୍ଷିତ ରଖିବା ପାଇଁ କଳାପଥର ଆରଏମ୍ସି ଗୋଦାମ ଭିତରେ ଶୀତଳୀକରଣ ଗୃହ ଅଛି ବୋଲି ସେ କହିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଗ୍ରାମରେ ଚଳିତବର୍ଷ ଟମାଟୋ ଚାଷ ଭଲ ହୋଇଛି। ଚାଷୀମାନେ ଭଲ ରୋଜଗାର କରିବା ଆଶା ରଖିଥିବା ବେଳେ ଚାଷୀଙ୍କ ମୁଣ୍ଡରେ ଅଭାବୀ ବିକ୍ରିକୁ ନେଇ ଚଡ଼କ ପଡ଼ିଛି।

### ବିଧାୟକ କପ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

# ବୌଦ୍ଧକୁ ହରାଇ ଫୁଲବାଣୀ ଚାମ୍ପିଅନ

**ବୌଦ୍ଧ, ୧୭ ।୨(ସମିସ):**

ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ଖେଳ ପଡ଼ିଆରେ ଫ୍ରେଣ୍ଡସ କ୍ଲବ୍ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଡ ଆନୁକୂଲ୍ୟରେ ଚାଲିଥିବା ବିଧାୟକ କପ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବୌଦ୍ଧ ଗେହ୍ଲା ମାଁ କ୍ଲବ୍ ଓ ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଫୁଲବାଣୀ ୩-୧ ଗୋଲ୍‌ରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ ପ୍ରବୀଣ ବାଣୁଆ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା, ବୌଦ୍ଧ ଆଇଆଇସି ରଞ୍ଜିତ ମୁନି, ଜିଲ୍ଲା କ୍ରିକେଟ ଆସୋସିଏସନ ସଭାପତି ନିରଞ୍ଜନ ମେହେର, ମନୋଜ ପ୍ରଧାନ ଯୋଗ ଦେଇଥିଲେ। ଉପବିଜେତା ବୌଦ୍ଧ ଦଳକୁ ଟ୍ରଫି ସହ ୧୫ ହଜାର ଓ ଚାମ୍ପିଅନ ଫୁଲବାଣୀ ଦଳକୁ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଦେଇ ଅତିଥିଗଣ ପୁରସ୍କୃତ କରିଛନ୍ତି। ଧର୍ମଧର ପୋଡ଼ କାର୍ଯ୍ୟକ୍ରମ ମଞ୍ଚ ପରିଚାଳନା କରିଥିଲେ। ସଭ୍ୟ ପ୍ରମୋଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ରେଫରୀ ବିଭୁତି ବେହେରା, ଅମିତ ବେହେରା, ଟିଟୁଆ ବେହେରା, ମାନଭଞ୍ଜନ ମହାରଣା ଖେଳ ପରିଚାଳନା କରିଥିଲେ। ଅମ୍ବରିସ ପ୍ରଧାନ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ନିରଞ୍ଜନ ବଗର୍ତ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ୍ ଓ କାର୍ଡର ସଭ୍ୟମାନେ ଏହି ଫୁଟବଲ ପ୍ରତିଯୋଗିତାରେ ସହଯୋଗ କରିଥିଲେ।



## ରାଜନୈତିକ ଚକ୍ରବ୍ୟୂହରେ ଟିଟିଲାଗଡ଼ ବ୍ଲକ

# ବିଧାୟକ ଓ ବ୍ଲକ ଅଧ୍ୟକ୍ଷାଙ୍କ ମଧ୍ୟରେ ଛକାପଞ୍ଝା





### ଧାରଣାରେ ବସିଲେ ଅଧ୍ୟକ୍ଷା

### ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଲେ ସମିତି ସଭ୍ୟ, ସରପଞ୍ଚ

ଟିଟିଲାଗଡ଼, ୧୭।୨(ସମିସ)

ଟିଟିଲାଗଡ଼ ବିଧାୟକ ୧୦ ପ୍ରତିଶତ ପିସି ଦାବି କରୁଥିବା ଅଭିଯୋଗ କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅଧ୍ୟକ୍ଷା ସଂଯୁକ୍ତା ନାୟକଙ୍କ ସମେତ ଅନେକ ସମିତିସଭ୍ୟ ସଭ୍ୟା ଧାରଣା ଦେଇଛନ୍ତି। ବ୍ଲକକୁ ଆସୁଥିବା ଏସଏଫ୍‌ସି, ସିଏଫ୍‌ସି ଫଣ୍ଡ ଏବଂ ଜିଆଇଏ ଫଣ୍ଡକୁ ନେଇ ବିଧାୟକ ଏବଂ ବ୍ଲକ ଅଧ୍ୟକ୍ଷାଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଉଭୟଙ୍କ ମଧ୍ୟରେ ଭାଗବଣ୍ଟା ଛିଡ଼ୁ ନ ଥିବାବେଳେ ସୋମବାର ବ୍ଲକ ସମ୍ମୁଖରେ ବ୍ଲକ ଅଧ୍ୟକ୍ଷା ଧାରଣା ଦେଇଥିବା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁସାରେ ଜିଆଇଏ ଫଣ୍ଡ ନେଇ ବ୍ଲକ ଅଧ୍ୟକ୍ଷା ଏବଂ ବିଧାୟକଙ୍କ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିଲା। ବ୍ଲକ ଅଧ୍ୟକ୍ଷା ୩୦ ପ୍ରତିଶତ ଏବଂ ବିଧାୟକ ୭୦ ପ୍ରତିଶତ କାମ କରିବା ନେଇ ଏକ ପ୍ରକାର ଚୂଡ଼ାନ୍ତ ହୋଇ ସାରିଥିଲା। ପରବର୍ତ୍ତୀ ସମୟରେ ବ୍ଲକ ଅଧ୍ୟକ୍ଷା ୩୦ ପ୍ରତିଶତ ବଦଳରେ ୪୦ ପ୍ରତିଶତ ଦାବି କରିବା ଯୋଗୁଁ ଅଡୁଆ ପରିସ୍ଥିତି ଦେଖା ଦେଇଛି। ଯାହାକୁ ନେଇ ସମ୍ପୂର୍ଣ୍ଣ ଫଣ୍ଡକୁ ବିଧାୟକ ନିଜ କବ୍‌ଜାକୁ ଆଣିବା ପାଇଁ ପ୍ରୟାସ କରିବା ଯୋଗୁଁ ଏବେ ବିବାଦ ଦେଖା ଦେଇଛି। ଫଳରେ ଟିଟିଲାଗଡ଼ ବ୍ଲକ ଏକପ୍ରକାର ଅଚଳ ଅବସ୍ଥାରେ ପଡ଼ିରହିଛି। ବ୍ଲକ ଅଧ୍ୟକ୍ଷା ତାଙ୍କ ପାଖରେ ୨୭ଟି ଫାଇଲ ରଖିଥିବାବେଳେ ସେ ଫାଇଲରେ ସାଇନ କରିବାକୁ ସିଧା ସିଧା ମନା କରିବା ଘଟଣା ଏବେ ସାଧାରଣରେ ଚର୍ଚ୍ଚା ହେଉଛି। ଫଳରେ ବ୍ଲକ କର୍ମଚାରୀ ଯେ ପ୍ରଭାବିତ ହୋଇଛନ୍ତି ତାହା ନୁହେଁ, ବରଂ ଠିକାଦାର ମାନେ ମଧ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଧାରଣାକୁ ସମର୍ଥନ ଦେଇ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବଲାଙ୍ଗିର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଯୋଗଦେଇଥିଲେ। ସେପଟେ ଏହି ଘଟଣାକୁ କେନ୍ଦ୍ରକରି ବିପକ୍ଷ ଓ ଶାସକ ଦଳ ସମର୍ଥିତ କେତେକ ସମିତି ସଭ୍ୟା, ସଭ୍ୟ ତଥା ସରପଞ୍ଚ ଟିଟିଲାଗଡ଼ ଉପଜିଲ୍ଲାପାଳ ରିହାନ କ୍ଷେତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ଲକ ଅଧ୍ୟକ୍ଷା ଅଧିକ ୩ ପ୍ରତିଶତ ପିସି ନେଉଥିବା ଅଭିଯୋଗ କରିବା ସହ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ କରିଛନ୍ତି। ଟିଟିଲାଗଡ଼ ବ୍ଲକରେ ୨୪ଟି ପଞ୍ଚାୟତ ରହିଥିବାବେଳେ ୪୮ ଜଣ ସମିତି ସଭ୍ୟ, ସଭ୍ୟା, ସରପଞ୍ଚ ସମେତ ବିଧାୟକ ଏବଂ ସାଂସଦ ଅନାସ୍ଥା ପ୍ରସ୍ତାବ ଆଗତ ହେଲେ ଭୋଟିଂ କରିବାର ନିୟମ ରହିଛି। ଏକ ତୃତୀୟାଂଶ ସଦସ୍ୟ ଆଜି ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## କାର୍ ସହ ଗଞ୍ଜେଇ ଜବତ: ଦୁଇ କୋର୍ଟ ଚାଲାଣ

**ଦେଓଗାଁ, ୧୭।୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ଆଦର୍ଶ ବିଦ୍ୟାଳୟ ନିକଟସ୍ଥ ଉଡାର ରାସ୍ତାଠାରେ ନମ୍ବର ବଦଳାଇ ଏକ ଧଳାରଙ୍ଗର କାର୍‌ରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ପୁଲିସ ଜବତ କରି କରିଛି। ଏନେଇ ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବିହାର ରାଜ୍ୟର ଲାଲବିହାରୀ ଚୌଧୁରୀ(୪୨) ଓ ରାନୀ ଦେବୀ(୩୪)। ସୂଚନା ଅନୁସାରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳରୁ ଦେଓଗାଁ ବ୍ଲକ ମହଲାଇ ଦେଇ ଜରାସିଂହା ରାସ୍ତାରେ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଦେଓଗାଁ ଥାନାଧିକାରୀ ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ ଆର.ସାହୁ, ବି.ଡି. ବେହେରା, ଜେ.ବଗର୍ତ୍ତି, ଆର୍‌କେ ପାତ୍ର ପ୍ରମୁଖ କାର୍‌କୁ ଅଟକାଇ ଥିଲେ। କାର ଚାଳକ କାର୍‌ର ଚାବିକୁ ନେଇ ଫେରାର ମାରିଥିଲା। ସେଥିରେ ବସିଥିବା ଅନ୍ୟ ଦୁଇଜଣ ମହିଳା ପୁରୁଷଙ୍କୁ ପୁଲିସ ଅଟକ ରଖିବାସହ କାରକୁ ଯାଞ୍ଚ କରିଥିଲେ। ସେଥିରୁ ୨୮କେଜି ୮୦୦ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ଅତିରିକ୍ତ ତହସିଲଦାର ବ୍ୟୋମକେଶ ନାୟକଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରିବାସହ ଏଥିରେ ବ୍ୟବହୃତ କାର ଓ ମୋବାଇଲ ଫୋନକୁ ଜବତ କରିବାସହ ପୁରୁଷ ଓ ମହିଳା ଗଞ୍ଜେଇ ଚାଲାଣକୁ ସ୍ୱୀକାର କରିଥିବା ଓ ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ମୁଣ୍ଡା ସୂଚନା ଦେଇଛନ୍ତି।



## ଆଶୁକବି ହେମନ୍ତ କୁମାରଙ୍କୁ ସେବାରତ୍ନ ସମ୍ମାନ



**ତୁଷୁରା, ୧୭।୨( ସମିସ):** ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ କଟକର ୪୮ ତମ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ପର୍ବ କଟକସ୍ଥିତ କର୍ମବୀର ଗୌରୀଶଙ୍କର ରାୟ ଟାଉନହଲରେ ବୈକୁଣ୍ଠନାଥ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଫିଲ୍ମ ପ୍ରଯୋଜକ ପ୍ରଦ୍ୟୁମ୍ନ ଲେଙ୍କା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂଜ୍ୟପୂଜା ସଂଗଠନର ସମ୍ପାଦକ ରାଜ କିଶୋର ଦାଶ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ଡ. ଭାଗବତ ପ୍ରସାଦ ଲେଙ୍କା ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଆର୍ଯ୍ୟକବି ପଣ୍ଡିତ ଡ. ପ୍ରମୋଦ କୁମାର ମିଶ୍ର ଆଶୀର୍ବଚନ ପ୍ରଦାନ କରିଥିଲେ। ଡ.ଶ୍ରୀଚନ୍ଦନ ମହାପାତ୍ର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ଆସିଥିବା କବି, କଳାକାରମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି କ୍ରମରେ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ତୁଷୁରା ସହରର ବିଶିଷ୍ଟ ସାହିତ୍ୟିକ ଆଶୁକବି ଡଃ ହେମନ୍ତ କୁମାର ଦାଶଙ୍କୁ ଅନୁଷ୍ଠାନ ତରଫରୁ ରାଜ୍ୟସ୍ତରୀୟ ସେବାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## କଫସିରପ ଜବତ, ଜଣେ ଗିରଫ

**କଣ୍ଟାବାଞ୍ଜି/ ବଙ୍ଗୋମୁଣ୍ଡା, ୧୭।୨ (ସମିସ):** ବଙ୍ଗୋମୁଣ୍ଡାରେ କଫସିରପ ବିକ୍ରି ହେଉଥିବା ସୂଚନା ପାଇ ଅବକାରୀ ବିଭାଗ ଚଢ଼ଉ କରିଥିଲା। ବଙ୍ଗୋମୁଣ୍ଡାର ସୀତାରାମ ସା କଫସିରପ ବିକ୍ରି କରୁଥିବା ଅଭିଯୋଗରେ ଅବକାରୀ ବିଭାଗ ଚଢ଼ଉ କରି ୧୦ ଲିଟରରୁ ଉର୍ଦ୍ଧ୍ୱ ପରିମାଣର କଫସିରପ ଜବତ କରିବା ସହ ଏକ ବାଇକ ମଧ୍ୟ ଜବତ କରିଥିଲା। ଏମାନେ ଦୀର୍ଘଦିନ ହେବ ଏହି ଅଞ୍ଚଳରେ କଫସିରପ ବିକ୍ରି କରୁଥିବା ଜଣାପଡ଼ିଛି।

## ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବର ତୃତୀୟ ଦିବସ



**ମୁରିବାହାଲ, ୧୭।୨ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବ ଷଷ୍ଠ ବିରାଟ ଧନୁଯାତ୍ରା ମହୋତ୍ସବ ତୃତୀୟ ଦିବସ ରବିବାର ପାଳିତ ହୋଇଯାଇଛି। ଦେବକୀଙ୍କ ଷଡ଼ପୁତ୍ର ବିନାଶ ଏବଂ ସ୍ୱର୍ଗପୁର ଆକ୍ରମଣ ଅନୁଷ୍ଠିତ ହୋଇଥିଲା। ଧନୁଯାତ୍ରା କମିଟି ସଭାପତି ଶ୍ରୀବତ୍ସ ବେହେରାଙ୍କ ସଭାପତିତ୍ୱରେ ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଷୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା, ଭଗତ ନାଗ, ଭବାନୀ ଶଙ୍କର ଶର୍ମା, ଲଖନା ସରପଞ୍ଚ ସଦାନନ୍ଦ ଦୀପ, ବାନ୍ଧୂପଲା ସରପଞ୍ଚ ପ୍ରିୟବ୍ରତ ପ୍ରଧାନୀ, ବଡ଼ସାଇମରା ସରପଞ୍ଚ ସୁକମଣି ପୁଟେଲ, ଡଙ୍ଗରପଡ଼ା ସରପଞ୍ଚ ରାମଦାସ ମହାକୁର, ଗୁଡିଘାଟ ସରପଞ୍ଚ ପ୍ରତିନିଧି ଗିରିଧାରୀ ମହାନନ୍ଦ, ପ୍ରତିଷ୍ଠିତ ବ୍ୟବସାୟୀ ତଥା ସମାଜସେବୀ ଦିଲ୍ଲୀପ କୁମାର ଦାସ, ଇଛାପରା ସରପଞ୍ଚ ଚିନ୍ତାମଣି ବେହେରା ଏବଂ ଚଳ ସରପଞ୍ଚ ପ୍ରତିନିଧି ସତ୍ୟବ୍ରତ ଭୋଇ ପ୍ରମୁଖ ମଞ୍ଚାସିନ ଥିଲେ। ଧନୁଯାତ୍ରାର ମହାରାଜ କଂସ ଭୂମିକାରେ ଲାଠୋରର ଆର୍ତ୍ତତ୍ରାଣ ସୁନାନୀ ଓ ସାଥୀ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଏଥିପାଇଁ ମୁରିବାହାଲ ପୋଲିସ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ବ୍ୟବସ୍ଥା କରାଯାଇଛି। ଧନୁଯାତ୍ରା ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ତରଣୀସେନ୍ ମେହେର, ସାଧାରଣ ସମ୍ପାଦକ ତରୁଣ ପୋଢ଼ଙ୍କ ସହ ଉପସଭାପତି ଲକ୍ଷ୍ମୀକାନ୍ତ ଧରୁଆ, ସୁବ୍ରତ ମହାକୁର, ଶ୍ୟାମସୁନ୍ଦର ଝାଙ୍କର, ରମେଶ ନଗ, ସୁଦାମ ସାହୁ, ବୈରାଷ୍ଟ୍ର ପୋଡ, ଦିବ୍ୟସୁନ୍ଦର ସାହୁ, କୋଷାଧ୍ୟକ୍ଷ ଭରତ ଦାସ, ପଦ୍ମଲୋଚନ ସାହୁ, ସଂଯୋଜକ ସୁଧାଂଶୁ ପୋଢ଼ ଯାଦବ, ଉଦିତ କଟା, ସାଂସ୍କୃତିକ ସମ୍ପାଦକ ପ୍ରମୁଖ ସୁଦର୍ଶନ ଦୀପ, ହେମନ୍ତ କୁମାର ଶର୍ମା, ଉପଦେଷ୍ଟା ଭଗବାନ ମହାନ୍ତି, ଦୁର୍ଯ୍ୟୋଧନ ବେହେରା, ଚିନ୍ତାମଣି ମହାରଣା, କୃତିବାସ ଦାସ, ମଧୁସୂଦନ ନାଗ, ଯାଞ୍ଚ କମିଟି ସୁରେଶ କୁମାର ଶର୍ମା, ସୁରେଶ କୁମାର ଶର୍ମା ଯୋଗଦେଇ ଥିଲେ। ରାଜୀବ କୁମାର ମହାନ୍ତି ଧନ୍ୟବାଦ୍ ଦେଇଥିଲେ।

## ଗଞ୍ଜେଇ ଚାଲାଣ କରି ବନ୍ଧାହେଲେ ରେଳ କର୍ମଚାରୀ

**କଣ୍ଟାବାଞ୍ଜି, ୧୭।୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହର ଗଞ୍ଜେଇ ଚାଲାଣର ହବ୍ ପାଲଟିଲାଣି। କଣ୍ଟାବାଞ୍ଜି ରେଲଷ୍ଟେସନରୁ ଟ୍ରେନ୍‌ରେ ଛତିଶଗଡ଼ ରାୟପୁରକୁ ଗଞ୍ଜେଇ ଚାଲାଣ ହେଉଛି। କଣ୍ଟାବାଞ୍ଜି ଷ୍ଟେସନର କର୍ମଚାରୀ(ଟିପିଏମ) ଗଙ୍ଗାଧର ମାହାନନ୍ଦ ଓ ଅଣସଂରକ୍ଷିତ ଟିକେଟ କାଉଣ୍ଟରରେ କାର୍ଯ୍ୟରତ ଅସପକା ଅଳି ୧୯ କେଜି ୨୭୦ ଗ୍ରାମ ଗଞ୍ଜେଇ ଏକ ବ୍ୟାଗରେ ଟ୍ରେନରେ ରାୟପୁରକୁ ଗଞ୍ଜେଇ ନେଇ ଯାଉଥିବା ବେଳେ ଛତିଶଗଡ଼ କ୍ରାଇମବ୍ରାଞ୍ଚ ପୁଲିସ ପକ୍ଷରୁ ଦୁଇ ଜଣକୁ ଗିରଫ କରାଯାଇଛି। ରାୟପୁର ଜିଆରପି ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଦୁଇ ଜଣ ଗଞ୍ଜେଇ ନେଇ ରାୟପୁର ରେଲବାଇ ଷ୍ଟେସନ ପ୍ଲାଟଫର୍ମ ନଂ୧ର ମହିଳା ଶୌଚାଳୟ ନିକଟରେ ଛିଡ଼ା ହୋଇଥିଲେ। ଜିଆରପି ପୁଲିସ ଦୁଇଜଣଙ୍କୁ ଦେଖି ସନ୍ଦେହ କରି କାବୁ କରିଥିଲା। ଜବତ ଗଞ୍ଜେଇର ଅନୁମାନିକ ମୂଲ୍ୟ ୩ ଲକ୍ଷ ୮୫ ହଜାର ୪୦୦ ଟଙ୍କା ହୋଇଥିବା ବେଳେ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସାଲେପାଲିରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ




**ଦେଓଗାଁ, ୧୭।୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅଧୀନ ସାଲେପାଲି ବୟୋଜ୍ୟେଷ୍ଠ ନାଗରିକ ଆବାସ ଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆବାସର କାର୍ଯ୍ୟନିର୍ବାହୀ ଶିବପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଗ୍ରାମ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା.ଦିବ୍ୟଶଙ୍କର ପତି, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ପିଏଚ୍‌ସିର ଡା. ଶୁଶାନ୍ତ ଶେଖର ମେହେର, ଅନୁଷ୍ଠାନର ସମ୍ପାଦକ ଭୁବନେଶ୍ୱର ସାମଲ, ହୃଦୟାନନ୍ଦ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଥିଲେ। ଏ ଅବସରରେ ସମସ୍ତ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରିଶେଷରେ ରମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶେଷଦେବ ମେହେର, ସଦାନନ୍ଦ ସାହୁ, ଧିରେଶ କୁମାର ସାହୁ, ଚତୁର୍ଭୂଜ ଭୋଇ, ସଞ୍ଜୁ ବିଶ୍ୱାଳ ତଥା ଅନ୍ୟମାନେ ସହଯୋଗ କରିଥିଲେ।

## ପୁଇଁତଲା ବ୍ଲକରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ବଲାଙ୍ଗିର, ୧୭।୨(ସମିସ) :** ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପୁଇଁତଲା ବ୍ଲକ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଗୌରବ ଶିୱାଜୀ ଇସଲୱାର, ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓଙ୍କୁ ସମୁଦାୟ ୨୬ଟି ଅଭିଯୋଗ ଦାଖଲ ହୋଇଥିଲା। ତନ୍ମଧ୍ୟରୁ ୨୨ ଟି ବ୍ୟକ୍ତିଗତ ଅଭିଯୋଗ ଓ ଅବଶିଷ୍ଟ ୪ ଟି ସାମୂହିକ ଅଭିଯୋଗ ଥିଲା। ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଜନସାଧାରଣଙ୍କ ଏହି ସମସ୍ତ ଅଭିଯୋଗ ଓ ସମସ୍ୟା ଗୁଡ଼ିକର ଶୁଣାଣି କରି ୧୨ ଟି ମାମଲାର ତୁରନ୍ତ ସମାଧାନ କରିଥିଲେ। ବାକି ଥିବା ମାମଲାଗୁଡ଼ିକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ, ଆସିଷ୍ଟାଣ୍ଟ କଲେକ୍ଟର(ସାଧାରଣ ଓ ବିବିଧ) ରାମ ନାରାୟଣ ମିଶ୍ର ଓ ପୁଇଁତଲା ବିଡିଓ ଏବଂ ତହସିଲଦାରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।




### ଲାଲଗଡ଼ରେ ପୁଲିସର ଜନସମ୍ପର୍କ ଶିବିର

## କ୍ରିକେଟ ମ୍ୟାଚ୍ ଓ ସ୍ୱାସ୍ଥ୍ୟ ଶିବିର ଆୟୋଜନ



**ତୁରେକେଲା, ୧୭।୨(ସମିସ):** ବଲାଙ୍ଗିର ଜିଲ୍ଲା ପୁଲିସ ଆରକ୍ଷୀ ଅଧିକ୍ଷକ ରିଷିକେଶ ଖିଲାରୀଙ୍କ ନିର୍ଦ୍ଦଶ କ୍ରମେ ତୁରେକେଲା ପୁଲିସ ପକ୍ଷରୁ ଲାଲଗଡ଼ ଭାବେ ପରିଚିତ କୁଆଁବାହାଲି ଝରଣ ଗାଁରେ ପୁଲିସ ଜନ ସମ୍ପର୍କ ଶିବିର ଆୟୋଜିତ ହୋଇଯାଇଛି। ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁ-ସମ୍ପର୍କ ସ୍ଥାପନ କରିବାସହ ଉପାନ୍ତ ଅଞ୍ଚଳରେ ରହୁଥିବା ଲୋକଙ୍କୁ ପୁଲିସ ସେବା ଯୋଗାଇ ଦେବାପାଇଁ ତୁରେକେଲା ପୁଲିସ ତତ୍ପରତା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଖପାଖ ଗାଁର ଉଭୟ ପୁରୁଷ ମହିଳା ଆସି ସ୍ୱାସ୍ଥ୍ୟ ଶିବିରରେ ଅଭିଜ୍ଞ ଡାକ୍ତରଙ୍କୁ ଦେଖାଇ ଥିଲେ। ଏହାସହ ଅଞ୍ଚଳର ଯୁବ ଖେଳାଳିଙ୍କୁ ନେଇ ଏକ କ୍ରିକେଟ ମ୍ୟାଚ ମଧ୍ୟ ଆୟୋଜିତ କରାଯାଇଥିଲା। ଉପାନ୍ତ ମାଓ ଉପଦ୍ରବ ଆଦିବାସୀ ଅଞ୍ଚଳ ଲାଲଗଡ଼ ଭାବରେ ପରିଚିତ କୁଆବାହେଲି ରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଲୋକେ ସାମିଲ ହୋଇଥିଲେ। ପୁଲିସ ଓ ସାଧାରଣ ଜନତାଙ୍କ ଭିତରେ ଉତ୍ତମ ସମ୍ପର୍କ ଓ ସରକାରଙ୍କ ଦ୍ୱାରା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଓ ମାଓ ଦମନରେ ସ୍ଥାନୀୟ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ଶ୍ରୀ ଖିଲାରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ତୁରେକେଲା ଥାନାଧିକାରୀ ରମାକାନ୍ତ ସାହୁ, ପୁଲିସ କର୍ମଚାରୀ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଯୋଗଦେଇଥିଲେ।

## ବେହେରେନସିଲେଟ୍ ବିଦ୍ୟାଳୟରେ ନିପୁଣ ମେଳା



**କଣ୍ଟାବାଞ୍ଜି, ୧୭।୨(ସମିସ):** ସୋମବାର ତୁରେଇକେଲା ବ୍ଲକ ଅଧୀନ ହିଆଁଲ ସାଧନ କେନ୍ଦ୍ରର ସରକାରୀ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବେନେହେରେନସିଲେଟ ଠାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆମ ସଂସ୍କୃତି ଓ ଆମ ଖେଳନା କର୍ମଶାଳାର ସହିତ ନିପୁଣ ମେଳା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ହିଆଁଲ ସାଧନକର୍ମୀ ଅମରେନ୍ଦ୍ର କୁମାର ବାଗ, ସମ୍ମାନିତ ଅତିଥି ଭାବେ ଏସୟୁଜେ ବଲାଙ୍ଗିର ଜିଲ୍ଲା ଉପସଭାପତି ତଥା ବିଦ୍ୟାଳୟ ପୂରାତନ ଛାତ୍ର ରୋହନ କୁମାର ମହତ, ଯୁବ ସମ୍ବାଦିକ, ମୋହନ ସୁନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶଶୀଧର ପୁଟେଲ, ଅଙ୍ଗତ ପୁଟେଲ, ଆଲୋମୋନି କମିଟି ସଭାପତି ଯୁବମତି ନାଇକ, ରେଖା ବୋଏ, ଶିକ୍ଷୟିତ୍ରୀ ସୀମାନ୍ତିନି ପାଣିଗ୍ରାହୀ, ଅସିତ ପ୍ରଧାନ, ପୃଥ୍ୱୀରାଜ ବାଲଲେବେଡ଼ିଆ, ଭୃଷିରଣା, ତୁଷାରକାନ୍ତ ବଡ଼ଜେନା ଉପସ୍ଥିତ।

# ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିମ୍ନମାନର

କଣ୍ଟାବାଞ୍ଜି, ମୁରିବାହାଲ, ୧୭।୨(ସମିସ)



ଉପାନ୍ତ ଅଞ୍ଚଳର ଲୋକଙ୍କ ଗମନାଗମନ ସୁବିଧାପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା କାର୍ଯ୍ୟକାରୀ କରି ସରକାର ରାସ୍ତା ନିର୍ମାଣ କରୁଛନ୍ତି। ଏଥିପାଇଁ କୋଟି କୋଟିଟଙ୍କା ମଧ୍ୟ ଖର୍ଚ୍ଚ ହେଉଛି। ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ସଲାସୁତୁରା ଯୋଗୁଁ ନିମ୍ନମାନର କାମ ହୋଇ ଦିନ କେଇଟାରେ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହିଭଳି ଚିତ୍ର ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସଦରଠାରୁ ମୁରିବାହାଲ ବ୍ଲକର ବ୍ରାହ୍ମଣୀ ଗାଁ ପର୍ଯ୍ୟନ୍ତ ହୋଇଥିବା ରାସ୍ତାରେ। ଗୋଟିଏ ପଟରେ ରାସ୍ତା କାମ ଚାଲିଥିବାବେଳେ ଏନ୍ୟଏକ ପଟରେ ପିଚୁ ବାହାରି ପଡୁଛି। ଉକ୍ତ ରାସ୍ତାରେ ହାତ କିମ୍ବା ଗୋଡ଼ ଘସି ଦେଲେ ପିଚୁ ବାହାରି ପଡୁଥିବା ଅଭିଯୋଗ ହୋଇଛି। ତେହେ ଏହି ରାସ୍ତାର ସ୍ଥାୟିତ୍ୱ ନେଇ ଲୋକେ ନାନା ପ୍ରଶ୍ନ ଉଠାଇଲେଣି। ଏହି ରାସ୍ତା ଦେଇ ଶହଶହ ଯାତ୍ରୀଙ୍କ ସହ ସ୍କୁଲ କଲେଜ ପିଲାମାନେ ମଧ୍ୟ ନିର୍ଭର କରନ୍ତି। ଏନେଇ ବରିଷ୍ଠ ବିଜେଡି ନେତା ଅଜିତ ଯୋଶୀ ମଧ୍ୟ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଶିତାଶୁ ବେହେରାଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ରାସ୍ତା କାମ ନିମ୍ନମାନର ହୋଇଥିବାନେଇ ସ୍ଥାନୀୟ ବାସିନ୍ଦା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପ୍ରକାର ପଦକ୍ଷେପ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ପ୍ରଶାସନ ଉଚିତ ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ ବୋଲି ବରିଷ୍ଠ ବିଜେଡି ନେତା ଅଜିତ ଯୋଶୀ କହିଛନ୍ତି। ସେପଟେ ଏ ସମ୍ପର୍କରେ ଟିଟିଲାଗଡ଼ ଉପ ଜିଲ୍ଲାପାଳ ରିହାନ କ୍ଷେତ୍ରୀ କହିଛନ୍ତି ଯେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ।

ସକାଳ THE SAKALA



## ପ୍ରଧାନଶିକ୍ଷକଙ୍କ ହସ୍ତକ୍ଷେପ

# ଅନ୍ୟ ରାଜ୍ୟର ଇଟାଭାଟିରୁ ଫେରିଲେ ୩ ଦଶମ ଛାତ୍ରଛାତ୍ରୀ

ନୂଆପଡ଼ା,୧୭।୨(ସମିସ)





ମାଟ୍ରିକ ପରୀକ୍ଷା ପାଖେଇ ଆସୁଥିବା ବେଳେ ରାଜ୍ୟ ବାହାରେ ଦାଦନ ଖଟୁଥିବା ୩ ଜଣ ମାଟ୍ରିକ ଛାତ୍ରଛାତ୍ରୀ ସ୍କୁଲମୁହାଁ ହୋଇଛନ୍ତି। ଏହି ୩ ଛାତ୍ରଛାତ୍ରୀ ବେଙ୍ଗାଲୁରୁ ଓ ତେଲଙ୍ଗାନାରେ ଦାଦନ ଖଟୁଥିଲେ। ପ୍ରଧାନ ଶିକ୍ଷକ ଓ ଶିକ୍ଷା ବିଭାଗର ଅଧିକାରୀଙ୍କ ତତ୍ପରତା ଯୋଗୁଁ ଏହା ସଫଳ ହୋଇପାରିଛି। ରାଜ୍ୟ ବାହାରେ ଏମିତି ସହସ୍ରାଧିକ ପିଲା ଦାଦନ ଖଟୁଥିବା ଜଣାପଡ଼ିଛି।

ନୂଆପଡ଼ା ଏକ ଦାଦନ ପ୍ରବଣ ଜିଲ୍ଲା। ଜିଲ୍ଲାରୁ ସରକାରୀ ତଥ୍ୟ ମୁତାବକ ଏଥର ୫ହଜାର ପରିବାର ରାଜ୍ୟ ବାହାରକୁ ଯାଇଥିବା ବେଳେ ବେସରକାରୀ ଭାବେ ଏହା ଯଥେଷ୍ଟ ଅଧିକ। ଏଥିରେ ବହୁ ସଂଖ୍ୟାରେ ସ୍କୁଲ ଛାତ୍ରଛାତ୍ରୀ ଅଛନ୍ତି। ହେଲେ ଆଗକୁ ମାଟ୍ରିକ ପରୀକ୍ଷା ବହୁ ଗୁରୁତ୍ୱ ବହନ କରୁଥିବାରୁ ଏହା ଏବେ ଚିନ୍ତାର କାରଣ ପାଲଟିଛି। ଏଭଳି ସ୍ଥିତିରେ 'ସକାଳ'ରେ ବାରମ୍ବାର ଖବର ପ୍ରକାଶନ ପରେ ପ୍ରଶାସନ ମଧ୍ୟ ଅଣ୍ଟା ଭିଡ଼ିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷା ବିଭାଗ ସହ ପ୍ରଧାନ ଶିକ୍ଷକମାନଙ୍କ ହସ୍ତକ୍ଷେପ ପରେ ଜଣକ ପରେ ଜଣେ ଛାତ୍ରଛାତ୍ରୀ ଘରକୁ ଫେରୁଛନ୍ତି। ସଂପୃକ୍ତ ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକଙ୍କୁ ପିଲାଙ୍କୁ ଉଦ୍ଧାର କରି ଆଣିବାକୁ ଚିଠି କରାଯାଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ନୂଆପଡ଼ା ବ୍ଲକ୍କୁ ଛାଡ଼ିଦେଲେ ଅନ୍ୟାନ୍ୟ ବ୍ଲକ୍ଗୁଡ଼ିକ ତରଫରୁ ସେଭଳି ତତ୍ପରତା ପ୍ରକାଶ ପାଉ ନଥିବାରୁ ବୁଦ୍ଧିଜୀବୀ ମହଲରେ ଏହାକୁ ନିନ୍ଦା କରାଯାଉଛି। ଏଭଳି ସ୍ଥିତିରେ ନୂଆପଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଘରମୁହାଁ ହେଲେଣି। ଉଦାହରଣ ଭାବେ ସଦର ବ୍ଲକ୍ ଡୁମେରପାଣି ହାଇସ୍କୁଲର ଦଶମ ଶ୍ରେଣୀରେ ମୋଟ ୪୫ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୪ଜଣ ନିତି ବିଦ୍ୟାଳୟକୁ ଆସୁଥିବା ବେଳେ ଜଣେ ଆସୁ ନଥିଲେ। ବ୍ଲକ ଶିକ୍ଷାଧିକାରୀ ହେମସାଗର ମହାନନ୍ଦଙ୍କ ନିର୍ଦ୍ଦେଶ ପରେ ପ୍ରଧାନଶିକ୍ଷୟିତ୍ରୀ ସର୍ଭେ କରି ଜାଣିବାକୁ ପାଇଲେ ଯେ, ଜନକ ପଟେଲ ନାମକ ଛାତ୍ର ବେଙ୍ଗାଲୁରୁକୁ ଦାଦନ ଖଟିବାକୁ ଯାଇଛନ୍ତି। ତାଙ୍କର ବାପା ମାଆ ସହ ସଂପୃକ୍ତ ଶ୍ରମିକ ଯୋଗାଯୋଗ କରି ମାଟ୍ରିକ ପରୀକ୍ଷା ଦେବାକୁ ବୁଝାଇଥିଲେ। ଶେଷରେ ଇଟାଭାଟି ମାଲିକ ଛାତ୍ର ଜଣକୁ ସ୍ୱତନ୍ତ୍ର ବ୍ୟାବସ୍ଥାରେ ଘରକୁ ଛାଡ଼ିଥିଲେ। ଜନକ ସୋମବାର ଘରକୁ ଆସି ବିଦ୍ୟାଳୟରୁ ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ଦାସଙ୍କଠାରୁ ପରୀକ୍ଷା ପାଇଁ ପ୍ରବେଶିକା ପତ୍ର ଗ୍ରହଣ କରିଛନ୍ତି। ଏହି ସମୟରେ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀଙ୍କ ଏତାଦୃଶ ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସେହିଭଳି ନୂଆପଡ଼ା ବ୍ଲକର କୋଦୋମେରୀ ହାଇସ୍କୁଲର ଦୁଇଜଣ ଛାତ୍ରୀ ମମତା ଶବର ଏବଂ ଟିକେଶ୍ୱରୀ ଶବର ମଧ୍ୟ ସୁଦୂର ତେଲଙ୍ଗାନା ଇଟାଭାଟିରେ କାମ କରୁଥିଲେ। ପ୍ରଧାନଶିକ୍ଷକ ପଦ୍ମନ ସାହୁ ଏବଂ ଖେଳ ଶିକ୍ଷକ ଗୋକୁଳ ଦଣ୍ଡସେନାଙ୍କ ହସ୍ତକ୍ଷେପ ପରେ ଛାତ୍ରୀ ଦ୍ୱୟ ଘରକୁ ଫେରିଛନ୍ତି। ଏମାନେ ସେଠିକାର ଦୁଃଖ ବଖାଣିଥିବା ବେଳେ ପ୍ରଧାନଶିକ୍ଷକଙ୍କଠାରୁ ପ୍ରବେଶିକା ପତ୍ର ଗ୍ରହଣ କରି ନେଇଛନ୍ତି।

## ୨୧ରୁ ମାଟ୍ରିକ ପରୀକ୍ଷା

# ୬ କେନ୍ଦ୍ରରେ ପରୀକ୍ଷା ଦେବେ ୮୫୭ ପରୀକ୍ଷାର୍ଥୀ

**ଥୁଆମୂଳ ରାମପୁର, ୧୭।୨(ସମିସ):** ଚଳିତ ବର୍ଷ ହେବାକୁ ଯାଉଥିବା ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ଚଳିତ ମାସ ୨୧ ତାରିଖ ଶୁକ୍ରବାର ଦିନଠାରୁ ଏହି ପରୀକ୍ଷା ଆରମ୍ଭ ହେବ। ନୋଡାଲ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ଗୁଡିକର କଡା ସୁରକ୍ଷା ପାଇଁ ପୁଲିସ ମୁତୟନ ହେଇଛନ୍ତି। ଥୁଆମୂଳ ରାମପୁର ବ୍ଲକର ୬ଟି ହାଇସ୍କୁଲରେ ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି; ଯେଉଁଠି ମୋଟ ୮୫୭ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ। ଥୁଆମୂଳ ରାମପୁର ବ୍ଲକର ଥୁଆମୂଳ ରାମପୁର ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ମୋଟ ୧୬୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେହିପରି ଗୋପାଳପୁର ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ମୋଟ ୧୩୭ ଜଣ, ଗୋପାଳପୁର ବାଳକ ଉଚ୍ଚ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ ୧୫୬ ଜଣ, ଶିରିମସ୍କା ହାଇସ୍କୁଲ କେନ୍ଦ୍ରରେ ୧୬୦ ଜଣ, ଡୁମେରପଦର ହାଇସ୍କୁଲ କେନ୍ଦ୍ରରେ ୧୨୮ ଏବଂ ଗୁଣପୁର ହାଇସ୍କୁଲରେ ୧୧୦ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବେ। ପରୀକ୍ଷା କେନ୍ଦ୍ରରେ କପି ରୋକିବା ପାଇଁ କେନ୍ଦ୍ର ଗୁଡିକରେ ସିସି ଟିଭି କ୍ୟାମେରା ଲାଗିଛି। ଥୁଆମୂଳ ରାମପୁର ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ର ଏବଂ ଗୋପାଳପୁର ବାଳକ ଉଚ୍ଚ ବିଦ୍ୟାଳୟରେ ଏଆଇ କ୍ୟାମେରା ସଂଯୋଗ କରାଯାଇଛି; ଯେଉଁଠି ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଅଧିକାରୀଙ୍କ ସିଧାସଳଖ ନଜର ରହିବ। ପରୀକ୍ଷା କେନ୍ଦ୍ର ଗୁଡିକରେ ଯେମିତି କୌଣସି ବିଶୃଙ୍ଖଳା ଏବଂ ଅପ୍ରୀତିକର ଘଟଣା ନ ହୁଏ ସେଥିପାଇଁ ପୁଲିସ ମୁତୟନ ରହିବେ।

**ଥୁଆମୂଳ ରାମପୁର ବ୍ଲକ**

# ୫.୧୪ କୁଇଣ୍ଟାଲ ଗଞ୍ଜେଇ ଜବତ

**ମନମୁଣ୍ଡା, ୧୭।୨(ସମିସ):** ମନମୁଣ୍ଡା ପୁଲିସ ୫.୧୪ ଗଞ୍ଜେଇ ଜବତ କରି ସନ୍ତୁଷ୍ଟ ହୋଇଛି। ଅଭିଯୁକ୍ତ କିନ୍ତୁ ଫେରାର ମାରିଛନ୍ତି। କଦମପାଲ ଜଙ୍ଗଲରେ ଏହି ଗଞ୍ଜେଇ ଚୋରା ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିଲା। ଆଇଆଇସି ତରୁଣ ତପନ ବେହେରା ଏହି ସୂଚନା ପାଇ ଚଢଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ପୁଲିସ ଆସିବା ଜାଣିପାରି ଗଞ୍ଜେଇ ଛାଡ଼ି ମାଫିଆ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।



**ଅଭିଯୁକ୍ତ ଫେରାର**

# କୋମନା ବିଜା ଖମନରୁ ମୃତ ବାର୍ହା ଉଦ୍ଧାର

**ନୂଆପଡ଼ା/କୋମନା, ୧୭।୨ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ଫରେଷ୍ଟ ରେଞ୍ଜ ଅଧୀନ ବିଜା ଖମନରୁ ଏକ ମୃତ ବାର୍ହାକୁ ବନବିଭାଗ ଉଦ୍ଧାର କରିଥିବାବେଳେ ବ୍ୟବଚ୍ଛେଦ ପରେ ମାଟିରେ ତାକୁ ପୋତି ଦିଆଯାଇଛି। ପ୍ରକାଶ ଯେ ସୋମବାର ମଧ୍ୟାହ୍ନରେ ସ୍ଥାନୀୟ ବିଜା ଖମନ ଜଙ୍ଗଲରେ ଏକ ବାର୍ହା ମରିପଡ଼ିଥିବା ଲୋକେ ବନବିଭାଗକୁ ଖବର ଦେଇଥିଲେ। ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜର ଦେବଦତ୍ତ ସୁତାର, ୱାଡେନ ମାୟାଧର ସରାଫଙ୍କ ସହ ଫରେଷ୍ଟ ଟିମ୍ ଘଟଣାସ୍ଥଳରେ ଯାଇ ପହଞ୍ଚିଥିଲେ। ମୃତ ବାର୍ହାକୁ ଉଦ୍ଧାର କରି ଫରେଷ୍ଟ ଅଫିସକୁ ଅଣାଯାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି। ବାର୍ହାଟି ଅନ୍ୟୁନ୍ୟ ୧କ୍ୱିଣ୍ଟାଲ ଓଜନର ରହିଥିବା କୁହାଯାଇଛି। ଏହାର ଦେହରେ କୌଣସି କ୍ଷତାକ୍ତ ରହିନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁକିଛି ଜଣାପଡ଼ିବବୋଲି ରେଞ୍ଜର ସୁତାର କହିଛନ୍ତି।

# ଅସମ୍ପୂର୍ଣ୍ଣ ବିଶ୍ରାମାଗାର; ଯାତ୍ରୀ ହନ୍ତସନ୍ତ

**ସୁବଳୟା, ୧୭।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଖଣ୍ଡହତା ଛକ ଓ ଅଡାଲ ଛକ ନିକଟରେ ଥିବା ଯାତ୍ରୀ ବିଶ୍ରାମଗାର ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଯାତ୍ରୀମାନେ ତାଙ୍କର ଗନ୍ତବ୍ୟସ୍ଥଳକୁ ଯିବାକୁ ହେଲେ ଏହି ଛକ ନିକଟରେ ବିଭିନ୍ନ ଯାନବାହାନକୁ ଖରା, ବର୍ଷା ଓ ଶୀତ କାକରରେ ଛିଡ଼ାହୋଇ ଅପେକ୍ଷା କରିଥାନ୍ତି। ବିଶ୍ରାମଗାର ନଥିବାରୁ ବିଭିନ୍ନ ସମୟରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହି ଛକରେ ସର୍ବଦା ଜନଗହଳି ପୂର୍ଣ୍ଣ ରହିଥାଏ। ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ଉକ୍ତ ପ୍ରକଳ୍ପ ଅନ୍ତର୍ଭୁକ୍ତ କରି ୫, ୯୫୦୦୦ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି। ହେଲେ ବହୁଦିନ ବିତି ଯାଇଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ। ଯାହାଫଳରେ ସ୍ଥାନୀୟ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ପ୍ରଶାସନ ଅବହେଳା ଯୋଗୁଁ ତାହା ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ବିହିତ ପଦକ୍ଷେପ ନେବା ପାଇଁ ଜନସାଧାରଣ ଦାବି କରିଛନ୍ତି।



# ନିର୍ବାହୀ ମାଜିଷ୍ଟ୍ରେଟଙ୍କ ଯୁକ୍ତ ଦୁଇ ପରୀକ୍ଷା ପ୍ରଶ୍ନପତ୍ର ହବ୍ ପରିଦର୍ଶନ

**ବୌଦ୍ଧ, ୧୭।୨(ସମିସ):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟକୁ +୨ ପରୀକ୍ଷା ପ୍ରଶ୍ନପତ୍ର ହବ୍ କରାଯାଇଛି। ଜିଲ୍ଲାର ସମସ୍ତ +୨ ବିଦ୍ୟାଳୟକୁ ଏଠାରୁ ପ୍ରଶ୍ନପତ୍ର ଯୋଗାଣ କରାଯିବା ବ୍ୟବସ୍ଥା କରାଯାଇଛି। ସୋମବାର ଅପରାହ୍ନରେ ବୌଦ୍ଧ ବିଡିଓ ତଥା ନିର୍ବାହୀ ମାଜିଷ୍ଟ୍ରେଟ ଯୁଧିଷ୍ଠିର ମେହେର ଏହି ହବ୍ ପରିଦର୍ଶନ କରିଛନ୍ତି। ଶ୍ରୀ ମେହେର କଲେଜ୍ ପରିସରରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ।

# କେସିଙ୍ଗା ପୁଲିସର ନିଦ ହଜାଇଛନ୍ତି ଚୋର

**କେସିଙ୍ଗା, ୧୭।୨ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ନଭେମ୍ବରଠାରୁ ଏ ପର୍ଯ୍ୟନ୍ତ ଚୋରମାନେ ପୁଲିସକୁ ଚ୍ୟାଲେଞ୍ଜ ଦେଉଛନ୍ତି। ନଭେମ୍ବରରେ କେସିଙ୍ଗା ସହରରେ ଜଣେ ବଡ଼ ବ୍ୟବସାୟୀଙ୍କ ଘରୁ ବଡ଼ ଧରଣର ଚୋରି ହୋଇଥିଲା। ସେହିଭଳି କିଛି ଦିନ ପରେ ସହରର ଗୋଟିଏ ରାତିରେ ଦୁଇଟି ଦୋକାନର ସଟର ତାଡି ଚୋରି ହୋଇଥିଲା। ଏବେ ପୁଣି ରବିବାର ରାତିରେ ୨ଟି ଦୋକାନର ସଟର ତାଡି ଚୋରି ଉଦ୍ୟମ ବିଫଳ ହୋଇଛି। ଗୋଟିଏ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏସବୁ ଦୋକାନର ସଟର ତାଡି ଚୋର ଏଭଳି କାରନାମା କରିଛି। ସୋମବାର ସକାଳେ ପୁଲିସ ଖବର ପାଇବା ପରେ ସଙ୍ଗେ ସଙ୍ଗେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଡକାଇ ତନାଘନା ଆରମ୍ଭ କରିଛି। ତେବେ ସ୍ଥାନୀୟ ପୁଲିସ ସହରର ପ୍ରତ୍ୟେକ ଛକରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଛି। ଏହା ସତ୍ତ୍ୱେ ରାସ୍ତାକଡ଼ ଦୋକାନର ସଟର ତାଡି ଚୋରି କରିବା ସହରବାସୀଙ୍କୁ ଚକିତ କରିଛି। ଏହାଦ୍ୱାରା ପୁଲିସର ପାରିବା ପଣିଆ ଉପରେ ପ୍ରଶ୍ନ ଉଠିଛି। ପୂର୍ବ ଘଟଣାରେ ପୁଲିସ ଏ ପର୍ଯ୍ୟନ୍ତ କାହାରିକୁ ଧରି ପାରିନି। ଏବେ ପୁଣି ଏହି ଘଟଣା ପୁଲିସର ନିଦ ହଜାଇ ଦେଇଛି।

**ଗୋଟିଏ ଦୋକାନରୁ ଚୋରି ଅଭିଯୋଗ**

**୨ ଦୋକାନରୁ ଚୋରି ଉଦ୍ୟମ ବିଫଳ**

**ପୁଲିସର ରାତ୍ରିକାଳୀନ ପାଟ୍ରୋଲିଂ ଉପରେ ପ୍ରଶ୍ନ**

**ଖାକିର ପାରିବାପଣିଆ ଉପରେ ସ୍ଥାନୀୟ ଲୋକଙ୍କ ଭରସା ପାଉନି**

# ଉଫୁଲା ପଞ୍ଚାୟତରେ ଅଭିଯୋଗ ଶୁଣାଣି



**ବୀରମହାରାଜପୁର/ସୁବଳୟା, ୧୭।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଉଫୁଲା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ହାଁସଦା ଓ ଅତିରିକ୍ତ ତହସିଲଦାର ଅଜିତ ମିର୍ଦ୍ଧା ଯୋଗଦେଇଥିଲେ। ଶିବିରରେ ୧ଟି ସାମୂହିକ ଓ ୧୧ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ଶିବିରରେ କୃଷି ଓଭରସିୟର ଜୟନ୍ତୀ ଦେହୁରୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ ସମେତ ଓଡ଼ିଶା ଜୀବିକା ମିଶନର ରମାକାନ୍ତ ହରିପାଲ, ଶିକ୍ଷା ବିଭାଗର ସିଆରସିସି ଦିଗାମ୍ବର ଶତପଥି, ଏଡିଇଓ ପଦ୍ମାବତୀ ମାଝୀ, ଏପିଓ ଅମୃତାଂଶୁ ପାତ୍ର, ସରପଞ୍ଚ ଶ୍ରୀୟା କର୍ମୀ ଓ ପିଇଓ ଗୌରଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ସୀମା ପଣ୍ଡା ଏବଂ ଏମବିକେ ପଦ୍ମାଳୟା ନନ୍ଦ ପ୍ରମୁଖ ପଞ୍ଜୀକରଣରେ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ

# କଳାହାଣ୍ଡିରୁ କାମାକ୍ଷା ଗଲେ ୧୯୨ ତୀର୍ଥଯାତ୍ରୀ




**ଭବାନୀପାଟଣା, ୧୭।୨(ସମିସ):** କଳାହାଣ୍ଡିର ୧୯୨ଜଣ ତୀର୍ଥ ଯାତ୍ରୀ ଆସାମର ପ୍ରସିଦ୍ଧ କାମାକ୍ଷା ଦେବୀଙ୍କ ଦର୍ଶନ ଲାଗି ବାହାରିଛନ୍ତି। ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଏମାନେ ଯାତ୍ରା କରିଛନ୍ତି। ସୋମବାର ୫ଟି ସ୍ୱତନ୍ତ୍ର ବସ୍ ଯୋଗେ ଏମାନେ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛନ୍ତି। ରାୟଗଡ଼ାରେ ରାତ୍ରି ଯାପନ କରି ମଙ୍ଗଳବାର ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଆସାମ ଅଭିମୁଖେ ଯାତ୍ରା କରିବେ। ଫେବୃଆରୀ ୨୩ରେ ଏମାନେ କଳାହାଣ୍ଡି ଫେରିବେ। ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ ଦରୱାନ ଯୋଗଦେଇ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ତୀର୍ଥଯାତ୍ରୀଙ୍କ ସହ ୬ ଜଣ ଏସ୍କର୍ଟ ଅଧିକାରୀ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର ବନ୍ଦୋବସ୍ତ କଳାହାଣ୍ଡି, ଅଗସ୍ତି ପ୍ରଧାନ, ଡେପୁଟି କଲେକ୍ଟର ବନମାଳୀ ମେହେର, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆ, ଓର୍‌ମାସଡେପୁଟି ସିଓ ଜଜ୍‌ର୍ କେରକେଟା ପ୍ରମୁଖ ଉପସ୍ଥିତ ଥିଲେ।

## ପରିବେଶ ପରିଚ୍ଛନ୍ନ ପାଇଁ ଡଷ୍ଟବିନ୍ ବଣ୍ଟନ

**କେସିଙ୍ଗା, ୧୭।୨(ସମିସ):** କଳାହାଣ୍ଡି ଜିଲ୍ଲାରେ ପରିବେଶ ପରିଚ୍ଛନ ଲାଗି ଏସ୍‌ବିଆଇ ଫାଉଣ୍ଡେସନ ଏବଂ ରାମ୍‌କି ଫାଉଣ୍ଡେସନ ତରଫରୁ ନିରନ୍ତର ଉଦ୍ୟମ ଜାରି ରଖିଛି। ଏହି ସଂସ୍ଥା ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରିଆସୁଛି। ଏହିକ୍ରମରେ ଭବାନୀପାଟଣା ବ୍ଲକ କୂଳିଆମାଲ ସ୍ଥିତ ଅଙ୍ଗନବାଡି କେନ୍ଦ୍ରରେ ଡଷ୍ଟବିନ ବଣ୍ଟନ କରାଯାଇଛି। ରାମ୍‌କି ଫାଉଣ୍ଡେସନର ଡାକ୍ତର ବିମଳ ଚରଣ ଷଡଙ୍ଗୀ, ଜ୍ୟୋତ୍ସ୍ନାମୟୀ ବେହେରା, ଷ୍ଟାଫନର୍ସ ପଙ୍କଜିନୀ ରଣା, ନିତୁ ନାୟକ, ନିରଞ୍ଜନ ହାତୀ, ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ■ ଫଡି ସାଥୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

# ଗ୍ରାମବାସୀ କେନ୍ଦୁପତ୍ର ଡିଏଫ୍‌ଓଙ୍କ ଦ୍ୱାରସ୍ଥ



**ବୌଦ୍ଧ, ୧୭।୨(ସମିସ):** ହରଭଙ୍ଗା ବ୍ଲକ କୋଇଲିସୁତା ଗ୍ରାମର କେନ୍ଦୁପତ୍ର ଫଡିରେ ଫଡି ସାଥୀ ନିଯୁକ୍ତିରେ ଅନିୟମିତତା ହୋଇଛି। ଏଭଳି ଅଭିଯୋଗ କରି ସୋମବାର ଅପରାହ୍ନରେ ଗ୍ରାମବାସୀ ବୌଦ୍ଧ କେନ୍ଦୁପତ୍ର ଡିଏଫଓଙ୍କ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି। କେନ୍ଦୁପତ୍ର ତୋଳା ଓ ଗୋଛା କଟା କାର୍ଯ୍ୟରେ ପ୍ରତିବର୍ଷ ନିୟୋଜିତ ହେଉଥିବା ମହିଳା ଓ ପୁରୁଷ ବୌଦ୍ଧସ୍ଥିତ କେନ୍ଦୁପତ୍ର ବନଖଣ୍ଡ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଚାରିଛକ ରେଞ୍ଜରକୋଇଲିସୁତା ଗ୍ରାମକୁ ଆସି ଫଡି ସାଥୀ ପାଇଁ ୪ ଜଣଙ୍କଠାରୁ ଆବେଦନ ଗ୍ରହଣ କରିଥିଲେ। ମୌଖିକ ଭାବେ କିଏ ନିଯୁକ୍ତ ହେବେ ତାହା ନିର୍ଦ୍ଧାରଣ ହୋଇ ନ ପାରିବା ହେତୁ ଗୁପ୍ତ ଭୋଟ୍ ମାଧ୍ୟମରେ ଚୟନକତା କରାଯାଇଛି। ଯେଉଁମାନେ କେବେ ଗୋଛାକଟା କିମ୍ବା ପତ୍ରତୋଳା କାମ କେବେ କରି ନାହାନ୍ତି ସେମାନଙ୍କୁ ନିଯୁକ୍ତି ଦେବାକୁ ଉଦ୍ୟମ ହୋଇଛି। ତେଣୁ ଗ୍ରାମବାସୀ ଗୋଛାକଟା ଓ ପତ୍ରତୋଳା ଋତୁ ଆରମ୍ଭ ହେବା ପୂର୍ବରୁ ପ୍ରକୃତରେ କାର୍ଯ୍ୟ କରୁଥିବା କୋଇଲିସୁତା ଗ୍ରାମର ଆବେଦନକାରୀଙ୍କ ମଧ୍ୟରୁ ଫଡି ସାଥୀ ନିଯୁକ୍ତି ଦେବାକୁ ଡିଏଫଓଙ୍କ ନିକଟରେ ଦାବି କରିଛନ୍ତି।

# ଗଣ୍ଡାବଜା ମହୋତ୍ସବ ପାଳନ ପାଇଁ ଆଲୋଚନା



**ବଲାଙ୍ଗିର, ୧୭।୨(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକ ନିକଟରେ ଜିଲ୍ଲାର କଳାକାର, କଳା ସଂଗଠକ, ସଂସ୍କୃତିକ ଅନୁଷ୍ଠାନର କର୍ତ୍ତୃପକ୍ଷ ଓ ସମାଜସେବୀମାନଙ୍କୁ ନେଇ ଏକ ବୈଠକ ବସିଥିଲା। ଏହି ବୈଠକରେ ଜିଲ୍ଲାସ୍ତରୀୟ ଗଣ୍ଡାବଜା ମହୋତ୍ସବ ଆୟୋଜନ କରିବାକୁ ଆଲୋଚନା କରାଯାଇଥିଲା। ପଶ୍ଚିମ ଓଡ଼ିଶାର ଅସ୍ମିତା ଏହାର କଳା ସଂସ୍କୃତି। ଏହି ସଂସ୍କୃତିର ବାହକ ଭାବରେ ଗଣ୍ଡାବଜା କେଉଁ କାଳରୁ ଏହାର ଗୌରବ ଅକ୍ଷୁର୍ଣ୍ଣ ରଖିଛି। ସମୟକ୍ରମେ ଏ ସଂସ୍କୃତି, ବିକୃତି ହେବାରେ ଲାଗିଛି। ଗଣ୍ଡାବଜାର ମୌଳିକତା ଉପରେ ଆଧୁନିକତାର ପ୍ରଭାବ ଏହାର ଅନ୍ୟ ଏକ ପ୍ରମୁଖ କାରଣ ବୋଲି ସଭାରେ ଆଲେଚନା କରାଯାଇଥିଲା। ତେଣୁ ଗଣ୍ଡାବଜାର ଇତିହାସ, ବର୍ତ୍ତମାନ, ଭବିଷ୍ୟତ ସମ୍ପର୍କରେ ଆଲେଚନା କରିବା, ଗ୍ରାମାଞ୍ଚଳର କଳାକାରମାନଙ୍କୁ ଜିଲ୍ଲାସ୍ତରରେ ଏକ ମଞ୍ଚ ଯୋଗାଇବା, ତୃଣମୂଳସ୍ତରରେ ଏ ଲୋକଧାରାକୁ ବଞ୍ଚାଇ ରଖିଥିବା କଳାକାରମାନଙ୍କୁ ଲୋକଲୋଚନକୁ ଆଣିବା ସହିତ କଳା ଓ କଳାକାରଙ୍କ ଉତ୍ତରୋତ୍ତର ଉନ୍ନତି ପାଇଁ ଜିଲ୍ଲାସ୍ତରୀୟ ଗଣ୍ଡାବଜା ମହୋତ୍ସବ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ବିଶିଷ୍ଟ ଗବେଷକ ତଥା କଳା ସଂଗଠକ ନିଳାଞ୍ଚଳ ନନ୍ଦ, ବିଶିଷ୍ଟ କଳାକାର ଅଶୋକ ଦୀପ, ବିପିନ ବାରିକ, ସିମେଇଚରଣ ଦୀପ, ବୈକୁଣ୍ଠ ବାରିକ, ତରଣୀସେନ ଦୀପ, ମହଡ଼ ବାରିକ, ଜୌତିଷ ମୁଗ୍ରୀ, ଅର୍ଜୁନ ମୁଗ୍ରୀ, ସୁଶାନ୍ତ ମଲ୍ଲିକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ରାମଧୂନ୍ କ୍ଲବ୍ ଫୁଟବଲ ଚାମ୍ପିଅନସିପ୍

# ଉଦ୍‌ଘାଟନୀ ମ୍ୟାଚ୍‌ରେ ବରଗଡ଼କୁ ହରାଇ କଟକ ବିଜୟୀ

ସୋନପୁର, ୧୭।୨(ସମିସ)



ସୋନପୁର ଗାନ୍ଧୀ ଷ୍ଟାଡିୟମରେ ରାମଧୂନ କ୍ଲବ୍ ଆନୁକୂଲ୍ୟରେ ୧୬ତମ ସର୍ବଭାରତୀୟ ରାମଧୂନ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାମ୍ବାଦିକ ସଂଘ ରାଜ୍ୟ ସଭାପତି ଶଶିଭୂଷଣ ପ୍ରହରାଜ, ପୌରପରିଷଦ ଅଧ୍ୟକ୍ଷା ତାମସି ତମସ୍ବିତା ନାଏକ, ପୌର ପରିଷଦ ପୂର୍ବତନ ଅଧ୍ୟକ୍ଷ କଇରୁ ସ୍ୱାଇଁ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା କ୍ରୀଡ଼ା ସଂଘ ଉପସଭାପତି ଚିତ୍ତରଞ୍ଜନ ତରାସିଆ, ବିଜେପି ନଗର ସଭାପତି ସୁରେଶ ବିଶ୍ୱାଳ, କାଉନସିଲର ସୁକାନ୍ତ ସାହୁ ଓ ସମସ୍ତ ଟିମ ପ୍ରାୟୋଜକ ଯୋଗଦେଇଥିଲେ। ରାମଧୂନ କ୍ଲବର ସମ୍ପାଦକ ପୀୟୂଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭାକୁ ଆୟୋଜକ କ୍ଲବ୍ ମିଡିଆ କୋର୍ଡ଼ିନେଟର ମନୋରଞ୍ଜନ ତ୍ରିପାଠୀ ସଂଯୋଜନା କରିଥିଲେ। କୋଶଳ ଆବାସିକ ଉଚ୍ଚ ବିଦ୍ୟାଳୟର ଛାତ୍ର ଓ ଆୟୋଜକ କମିଟି ତରଫରୁ ସମସ୍ତ ଅତିଥି ଓ ଖେଳାଳିଙ୍କୁ ସ୍ୱାଗତ କରଯାଇଥିଲା। ଶେଷରେ ବିକାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଗାନ୍ଧୀ ଷ୍ଟାଡ଼ିୟମରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ମ୍ୟାଚରେ କଟକ ମା' ମଙ୍ଗଳା କ୍ଲବ୍ ଓ ବରଗଡ଼ ୟୁନାଇଟେଡ କ୍ଲବ ଦଳ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ଖେଳରେ ଶେଷ ଦଶ ମିନିଟ ଯାଏଁ କଟକ ଟିମ୍ ୨-୦ରେ ଆଗୁଆ ଥିଲା। କିନ୍ତୁ ବରଗଡ଼ ଟିମ୍ ଶେଷ ପର୍ଯ୍ୟାୟରେ ୨ଟି ଗୋଲ ସ୍କୋର କରି ଖେଳକୁ ବରାବର କରି ମ୍ୟାଚକୁ ଖୁବ୍ ରୋମାଞ୍ଚକର ସ୍ଥିତିରେ ପହଞ୍ଚାଇଥିଲେ। ଟ୍ରାଇ ବ୍ରେକରରେ ମଧ ଉଭୟ ଦଳ ସମାନ ସ୍ଥିତିରେ ପହଞ୍ଚିଥିଲେ। ଶେଷରେ ଅନୁଷ୍ଠିତ ସଡନ୍ ଡେଥରେ ୬-୫ ଗୋଲରେ କଟକ ମା' ମଙ୍ଗଳା ଟିମ୍ ବିଜୟୀ ହୋଇଥିଲା। କଟକ ଦଳର ଦୀନବନ୍ଧୁ ଦାସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି।

